## ଅଲ୍ଲାଃତାଲାଙ୍କ ବାଣୀ

قُلۡ لِّعِبَادِیَ الَّذِیۡنَ اٰمَنُوۡا یُقِیۡمُوا الصَّلٰوۃَ وَیُنۡفِقُوۡا مِمَّا رَزَقۡنٰہُمۡ سِرًّا وَّعَلَانِیَۃً مِّنۡ قَبۡلِ اَنۡ یَّاۡتِیَ یَوۡمٌ لَّا بَیۡعٌ فِیۡہِ وَلَا خِلٰلٌ ○

**(ଅଲ୍ ଇବ୍ରାହିମ୍ : 32)**

**ଅନୁବାଦ:** ହେ ରସୁଲ୍ ! ତୁମ୍ଭେ ଆମ୍ଭର ବିଶ୍ୱାସକାରୀ ଭକ୍ତମାନଙ୍କୁ କୁହ, "ସେହି ଦିନର ଆଗମନ ପୂର୍ବରୁ ଯେଉଁଥିରେ କୌଣସି କ୍ରୟ ବିକ୍ରୟ ହେବ ନାହିଁ କି କୌଣସି ବନ୍ଧୁତା ହେବ ନାହିଁ, ସେମାନେ ଉତ୍ତମ ରୂପେ ନମାଜ ପାଠ କରନ୍ତୁ ଓ ସେମାନଙ୍କୁ ଆମ୍ଭେ ଯାହା କିଛି ପ୍ରଦାନ କରିଅଛୁ ତନ୍ମଧ୍ୟରୁ ଗୋପନରେ ଓ ପ୍ରକାଶ୍ୟରେ ଆମ୍ଭ ଉଦ୍ଦେଶ୍ୟର ବ୍ୟୟ କରନ୍ତୁ"।


بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

**ସମ୍ପାଦକ:**

କମ୍ରୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ସଂଖ୍ୟା: 38

ବାର୍ଷିକ ଦେୟ : 600/-

www.akhbarbadr.in

15 ରବିଉଲ୍ ଅୱଲ୍ 1446 ହି.କ, 19 ତୁବୁକ୍ 1403 ହି.ଶ, 19 Sep -2024 ମସିହା


## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କରୁ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ, ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ମାତା ପିତାଙ୍କ ବିୟୋଗ ପରେ ସେମାନଙ୍କ ନିମନ୍ତେ ପୁଣ୍ୟ କର୍ମ ସମ୍ପାଦନ କରିବାର ପନ୍ଥା ବା ଶୈଳୀ

۞ ହ. ଅବୁ ଉସୈଦ୍ ଅସ୍ ସାଆଦି ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ଆଁହଜରତ ସ.ଅ ସେବାରେ ଉପସ୍ଥିତ ଥିଲୁ କି ବନି ସଲ୍ମାର ଏକ ବ୍ୟକ୍ତି ଉପସ୍ଥିତ ହେଲା ଏବଂ ସେ ପଚାରିବାକୁ ଲାଗିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମାତା ପିତାଙ୍କ ବିୟୋଗ ପରେ ଏପରି କୌଣସି ପୁଣ୍ୟ ରହିଛି କି ଯାହାକୁ ମୁଁ ସେମାନଙ୍କ ନିମନ୍ତେ ସମ୍ପାଦନ କରିପାରିବି ? ଆପଣ ସ.ଅ କହିଲେ, ଅବଶ୍ୟ ଅଛି ନା । ତୁମେ ସେମାନଙ୍କ ନିମନ୍ତେ ଦୁଆ ଅର୍ଥାତ୍ ପ୍ରାର୍ଥନା କର, ସେମାନଙ୍କ ଆତ୍ମାର ସଦ୍‌ଗତି ଓ ବୈକୁଣ୍ଠରେ ଉଚ୍ଚ ସ୍ତର ହେବା ନିମନ୍ତେ ପ୍ରାର୍ଥନା କର, ସେମାନଙ୍କ କ୍ଷମାୟାଚନା ନିମନ୍ତେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କର । ସେମାନେ ଲୋକମାନଙ୍କ ସହିତେ ଯେଉଁ ପ୍ରତିଶ୍ରୁତି ତଥା ଅଙ୍ଗୀକାର କରିଛନ୍ତି ତାହାକୁ ପୂରଣ କର । ତୁମର ଅଭିଭାବକମାନେ ଯେଭଳି ସଦ୍‌ବ୍ୟବହାର ଏବଂ ସମ୍ମାନ ତୁମର ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବଙ୍କ ପ୍ରତି ପ୍ରଦର୍ଶନ କରୁଥିଲେ ସେହିପରି ସଦ୍‌ବ୍ୟବହାର ଏବଂ ସମ୍ମାନ ତୁମେ ମଧ୍ୟ ନିଜର ଆତ୍ମୀୟ ଓ ସ୍ୱଜନମାନଙ୍କ ସଦ୍‌ବ୍ୟବହାର ପ୍ରଦର୍ଶନ କର । **(ଅବୁ ଦାଉଦ୍ କିତାବୁଲ୍ ଅଦବ୍, ବାବ୍ ଫି ବିରରୁଲ୍ ୱାଲିଦୈନି)**

۞ ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ଯେଉଁ ବ୍ୟକ୍ତି ଦୀର୍ଘାୟୁର ଅଭିଳାଷୀ ଏବଂ ଜୀବିକାରେ ପ୍ରାଚୁର୍ଯ୍ୟତା ନିମନ୍ତେ ଆଶାବାଦୀ ତେବେ ସେହି ବ୍ୟକ୍ତି ପକ୍ଷେ ଏହା ଅପରିହାର୍ଯ୍ୟ କି ସେ ନିଜର ଅଭିଭାବକମାନଙ୍କ ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନ କରୁ (ସେ ନିଜର ଆତ୍ମୀୟ ସ୍ୱଜନ ଏବଂ ବନ୍ଧୁ ପରିଜମାନଙ୍କ ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନ କରୁ ତଥା ସେମାନଙ୍କ ସହିତ ସୁସଂପର୍କ ରଖୁ) ଓ ସେମାନଙ୍କ ପ୍ରତି ସଦୟ ହେବାର ଅଭ୍ୟାସ ପକାଉ । (ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ଭାଗ-3, ପୃ-266)

(ସପ୍ରାମାଣ୍ୟ ହଦିକତୁସ୍ ସାଲିହିନ୍, ହଦିସ୍ ନଂ- 399, 400)

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ହୃଦୟ ସର୍ବଦା ଉକ୍ତ ଦୁଃଖରେ ନିମଗ୍ନ କି ଅଲ୍ଲାଃତାଲା ଆମ ଜମାଅତ୍‌କୁ ମଧ୍ୟ ସାହାବାମାନଙ୍କ ପୁରସ୍କାର ଦ୍ୱାରା ସମ୍ମାନିତ ଓ ପୁରସ୍କୃତ କରନ୍ତୁ । ଯେଉଁ ନିଷ୍ଠା ଏବଂ ବିଶ୍ୱସ୍ତତା ସାହାବମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ସେହିପରି ନିଷ୍ଠା ଓ ବିଶ୍ୱସ୍ତତା ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଠାରେ ମଧ୍ୟ ସୃଷ୍ଟି ହେଉ ।**

---

**ଜମାଅତର ସଦସ୍ୟବୃନ୍ଦ କାହା ଠାରୁ ଭୟଭୀତ ହୋଇ ନଯାଆନ୍ତୁ, ସେମାନେ ଧର୍ମପରାୟଣ ହୁଅନ୍ତୁ । କାରଣ ଯେଉଁ ବ୍ୟକ୍ତି ଧର୍ମନିଷ୍ଠ ତଥା ଧର୍ମପରାୟଣ, ସେହି ବ୍ୟକ୍ତି ସହିତ ଈଶ୍ୱର ଥାଆନ୍ତି ।**

ସାହାବାମାନଙ୍କ ପରି ଆଚରଣ ନିଜ ମଧ୍ୟରେ ସୃଷ୍ଟି କରନ୍ତୁ । ସାହାବାମାନଙ୍କର ଅବସ୍ଥାକୁ ଅନୁଧ୍ୟାନ କରନ୍ତୁ। ସେମାନେ ଆଁହଜରତ ସ.ଅଙ୍କ ସାହାଚର୍ଯ୍ୟତ୍ୱରେ ରହିବା ନିମନ୍ତେ କ'ଣଟା କଲେ ନାହିଁ । ଅର୍ଥାତ୍ କେତେ ପରିଶ୍ରମ ଓ ଉଦ୍ୟମ କଲେ । ସେମାନେ ଯେଉଁ ନିଷ୍ଠା, ପରିଶ୍ରମ ସେହି ସାହାବାମାନେ କରିଥିଲେ ସେହିପରି ନିଷ୍ଠା ଓ ଉଦ୍ୟମ ଆମମାନଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ମଧ୍ୟ ଅପରିହାର୍ଯ୍ୟ । ସୁତରାଂ ଉକ୍ତ ନିଷ୍ଠାକୁ ବାଦ୍‌ଦେଲେ ସେହି ମୂଳାଭିପ୍ରାୟ ଯାହା ନିମନ୍ତେ ମୁଁ ପ୍ରେରିତ ହୋଇଛି ତାହାକୁ ଜମାଅତ୍‌ର ସଦସ୍ୟବୃନ୍ଦମାନେ କଦାପି ପ୍ରାପ୍ତ କରିପାରିବେ ନାହିଁ । ଯେଉଁ ବସ୍ତୁର ଆବଶ୍ୟକତା ସାହାବାମାନଙ୍କୁ ଲୋଡ଼ା ନଥିଲା କ'ଣ ସେହିସବୁ ପ୍ରସଙ୍ଗ ବା ବସ୍ତୁର ଆବଶ୍ୟକତା ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ପଡ଼ିଲାଣି କି ? କ'ଣ ତୁମେମାନେ ଏହା ଅବଲୋକୋନ କରୁ ନାହଁ ଯେ, ସାହାବାମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ନମାଜ ପାଠ ପଢିବା ଓ ଆପଣ ସ.ଅଙ୍କ କଥାକୁ ଶୁଣିବା ସକାଶେ କେମିତି ଉତ୍ସୁକ ଓ ବ୍ୟଗ୍ର ଥିଲେ ।

ଅଲ୍ଲାଃତାଲା ଯେକି ଏହି ଜମାଅତ୍ ଓ ପ୍ରତିଶ୍ରୁତ ମସିହ୍ ମଉଦ୍ ଅ.ସଙ୍କ ସହିତ ଅଛନ୍ତି ସେ ପ୍ରତିଶ୍ରୁତ ମସିହ୍‌ଙ୍କୁ ଉକ୍ତ ମର୍ଯ୍ୟାଦା ପ୍ରଦାନ କରିଛନ୍ତି ଯେ, ପ୍ରତିଶ୍ରୁତ ମସିହ୍‌ଙ୍କ ସଂପ୍ରଦାୟ ସାହାବାମାନଙ୍କ ଜମାଅତ୍ ସହିତ ସାକ୍ଷାତ୍ କରିବ । وَّاٰخَرِیۡنَ مِنۡہُمۡ لَمَّا یَلۡحَقُوۡا بِہِمۡ **(ଅଲ୍ ଜୁମା:4)** ଅର୍ଥାତ୍ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସଂପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରି ନାହାନ୍ତି ଏବଂ ସେ ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ । ବ୍ୟାଖ୍ୟାକାରମାନେ ଏହି ସ୍ୱୀକାର କରି ନେଇଛନ୍ତି ପ୍ରତିଶ୍ରୁତ ମସିହଙ୍କ ସହିତ ନୁହେଁ ବାସ୍ତବରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ହିଁ ଅଛନ୍ତି । କାରଣ ପ୍ରତିଶ୍ରୁତ ମସିହ୍ ଆପଣ ସ.ଅଙ୍କର ହିଁ ସୌନ୍ଦର୍ଯ୍ୟ ରୂପକ ଅଟନ୍ତି । ତେଣୁ ଆପଣ ସ.ଅଙ୍କ ଆ ଆଜ୍ଞାବହତ୍ୱ ଓ ଦାସତ୍ୱରେ ସେହି ପ୍ରତିଶ୍ରୁତ ମସିହ୍ ଆସିବା ଏବଂ ପ୍ରକାଶ ଏବଂ ପ୍ରଚାର କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ନିମନ୍ତେ ନିଯୁକ୍ତ ଓ ନିର୍ଦ୍ଦେଶିତ ହେବ ।

ସୁତରାଂ ସେହି ପ୍ରତିଶ୍ରୁତ ମସିହ୍ କୁହନ୍ତି; "ହୃଦୟ ସର୍ବଦା ଉକ୍ତ ଦୁଃଖରେ ନିମଗ୍ନ କି ଅଲ୍ଲାଃତାଲା ଆମ ଜମାଅତ୍‌କୁ ମଧ୍ୟ ସାହାବାମାନଙ୍କ ପୁରସ୍କାର ଦ୍ୱାରା ସମ୍ମାନିତ ଓ ପୁରସ୍କୃତ କରନ୍ତୁ । ଯେଉଁ ନିଷ୍ଠା ଏବଂ ବିଶ୍ୱସ୍ତତା ସାହାବମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ସେହିପରି ନିଷ୍ଠା ଓ ବିଶ୍ୱସ୍ତତା ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଠାରେ ମଧ୍ୟ ସୃଷ୍ଟି ହେଉ । ଉକ୍ତ ଜମାଅତ୍‌ର ସଦସ୍ୟବୃନ୍ଦମାନେ କାହା ଠାରୁ ଭୟଭୀତ ହୋଇ ନଯାଆନ୍ତୁ, ସେମାନେ ଧର୍ମପରାୟଣ ହୁଅନ୍ତୁ। କାରଣ ଯେଉଁ ବ୍ୟକ୍ତି ଧର୍ମନିଷ୍ଠ ତଥା ଧର୍ମପରାୟଣ ଅଟେ ସେହି ବ୍ୟକ୍ତି ସହିତ ଈଶ୍ୱର ଥାଆନ୍ତି । اَنَّ اللّٰہَ مَعَ الۡمُتَّقِیۡنَ **(ଅଲ୍ ବକ୍ରାହ୍: 195)** ନିଃସନ୍ଦେହ ରୂପେ ଅଲ୍ଲାଃତାଲା ଧର୍ମନିଷ୍ଠ ଏବଂ ଧର୍ମପରାୟଣ ବ୍ୟକ୍ତି ସହିତ ଅଛନ୍ତି ।"

ଧର୍ମପରାୟଣ ବ୍ୟକ୍ତି ସହିତ ଈଶ୍ୱର ଥାଆନ୍ତି ତେଣୁ ଶତ୍ରୁ ଉପରେ ମଧ୍ୟ ଧର୍ମପରାୟଣ ବ୍ୟକ୍ତିର ଏକ ଆଧିପତିତ୍ୱମୂଳକ ଭୟ ରହିଥାଏ । ଶତ୍ରୁ ଧର୍ମପରାୟଣ ବ୍ୟକ୍ତିକୁ ଦେଖି ଭୟଭୀତ ହୋଇଯାଇଥାଏ । କିନ୍ତୁ ଉକ୍ତ କଥାଟି ଗୋଚରାର୍ଥ ହେଉ କି ଯେପର୍ଯ୍ୟନ୍ତ ବ୍ୟକ୍ତି ସତ୍ୟବାଦୀ, ବୀର ଈଶ୍ୱର ପୁରୁଷଙ୍କ ଗହଣରେ ରହେ ନାହିଁ ଏବଂ ସେମାନଙ୍କ ସାହଚର୍ଯ୍ୟତ୍ୱ ପ୍ରାପ୍ତ କରେ ନାହିଁ, ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତାବହଙ୍କ ଆଜ୍ଞାବହତ୍ୱରେ ନିମଗ୍ନାବସ୍ଥା ନିଜ ଉପରେ ପ୍ରୟୋଗ କରିଦେଇ ନାହିଁ ସେପର୍ଯ୍ୟନ୍ତ ସେହି ବ୍ୟକ୍ତି ପ୍ରକୃତ ଧର୍ମପରାୟଣତା କେବେ ବି ପ୍ରାପ୍ତ କରିପାରିବ ନାହିଁ। ଅତଏବ୍ ଅଲ୍ଲାଃତାଲା କହିଛନ୍ତି یٰۤاَیُّہَا الَّذِیۡنَ اٰمَنُوا اتَّقُوا اللّٰہَ وَکُوۡنُوۡا مَعَ الصّٰدِقِیۡنَ **(ଅତ୍ ତୌବା: 119)** ଅର୍ଥାତ୍ ହେ ବିଶ୍ୱାସକାରୀଗଣ ! ଅଲ୍ଲାଃଙ୍କୁ ଭୟ କର ଓ

ସତ୍ୟବାଦୀମାନଙ୍କ ସହିତ ସାମିଲ ହୁଅ । ତହିଁରୁ ଏହା ସ୍ପଷ୍ଟ ରୂପେ ଏହା ଜ୍ଞାତ ହେଉଛି ଯେ, ବିଶ୍ୱାସର ପୂର୍ଣ୍ଣ ସତ୍ୟତା ଧର୍ମପରାୟଣ ବ୍ୟକ୍ତି ହେବା ପରେ ଯାଇ ଉନ୍ମୁକ୍ତ ହୋଇଥାଏ । ଯେପର୍ଯ୍ୟନ୍ତ ଜଣେ ପ୍ରାଣୋତ୍ସର୍ଗୀ ପବିତ୍ର ପୁରୁଷର ସାହଚର୍ଯ୍ୟତ୍ୱରେ ରହି ଲାଭାନ୍ୱିତ ତଥା ଉପକୃତ ହୋଇଯାଇ ନାହଁ ସେପର୍ଯ୍ୟନ୍ତ ଧରପରାୟଣତା ଏବଂ ପ୍ରଭୁଙ୍କ ସତ୍ୟତା ଚରିତାର୍ଥ ହୋଇପାରିବ ନାହିଁ । ସେହିପରି ଉକ୍ତ କଥାକୁ ମଧ୍ୟ ସ୍ମରଣ ରଖିବା ଉଚିତ୍ ଯେ, କେବଳ ସାହଚର୍ଯ୍ୟତ୍ୱରେ ରହିବା ଦ୍ୱାରା କୌଣସି ସୁଫଳ ମିଳି ନଥାଏ । ବରଂ ସତ୍ୟବାଦୀମାନଙ୍କ ସାହଚର୍ଯ୍ୟତ୍ୱ ପ୍ରାପ୍ତ କରିବାରେ ଏହି ଇଙ୍ଗିତ ରହିଛି ଯେ, ସେହି ସତ୍ୟବାଦୀମାନଙ୍କ ଆଜ୍ଞା ପାଳନ କରିବା ଉଚିତ୍ ।

**(ମଲ୍‌ଫୁଜାତ୍, ଭାଗ-2, ପୃ-31, ସଂସ୍କରଣ ବର୍ଷ-2018 ମସିହା, କାଦିଆନ୍)**

☆--☆--☆

ସେହି ଲୋକମାନେ ଯେଉଁମାନେ ସତ୍ୟ ସହିତ ଅବହିତ (ଅବଗତ) ଅଟନ୍ତି ସେମାନେ ଓ ମୁସଲମାନମାନଙ୍କ ମଧ୍ୟରୁ କେତେକ ଅବୋଧ ବ୍ୟକ୍ତିମାନେ ଏହି ଆପତ୍ତି କରିଦେଇ ଥାଆନ୍ତି ଯେ, ଇସ୍‌ଲାମ୍ ଧର୍ମ ଉକ୍ତ ବଳିଦାନ ବିନା କୌଣସି ତତ୍ତ୍ୱରେ ରଖି ଦେଇଛି । ଏହି ଟଙ୍କା ବଦଳରେ କଲେଜ କାହିଁକି ଜାରି କରା ନଯିବ ବା । ସେହିପରି ଜାତୀୟ କଲ୍ୟାଣ ଏବଂ ସର୍ବାଙ୍ଗୀନ ଉନ୍ନତିର ସାଧନ କରାଯିବା ଉଚିତ୍ ।

## ତାର୍କିକପୂର୍ଣ୍ଣ ବଳିଦାନ ଏବଂ ତାତ୍ତ୍ୱିକପୂର୍ଣ୍ଣ ବଳିଦାନ ସଂପର୍କରେ ଉତ୍ଥାପିତ ହେଉଥିବା ଆପତ୍ତିର ଉତ୍ତର ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ହଜ୍‌ର ଆୟତ୍ ସଂଖ୍ୟା 37 قُل لِّعِبَادِيَ الَّذِينَ آمَنُوا يُقِيمُوا الصَّلَاةَ وَيُنفِقُوا مِمَّا رَزَقْنَاهُمْ سِرًّا وَعَلَانِيَةً مِّن قَبْلِ أَن يَأْتِيَ يَوْمٌ لَّا بَيْعٌ فِيهِ وَلَا خِلَالٌ ର ବ୍ୟାଖ୍ୟା କରି କୁହନ୍ତି: ଏଠାରେ ଅଲ୍ଲାଃତାଲା କୁହନ୍ତି: ହେ ରସୁଲ୍! ତୁମ୍ଭେ ଆମ୍ଭର ବିଶ୍ୱାସକାରୀ ଭକ୍ତମାନଙ୍କୁ କୁହ, "ସେହି ଦିନର ଆଗମନ ପୂର୍ବରୁ ଯେଉଁଥିରେ କୌଣସି କ୍ରୟବିକ୍ରୟ ହେବ ନାହିଁ କି କୌଣସି ବନ୍ଧୁତା ହେବ ନାହିଁ, ସେମାନେ ଉତ୍ତମ ରୂପେ ନମାଜ ପାଠ କରନ୍ତୁ ଓ ସେମାନଙ୍କୁ ଆମ୍ଭେ ଯାହା କିଛି ପ୍ରଦାନ କରିଅଛୁ ତନ୍ମଧ୍ୟରୁ ଗୋପନରେ ଓ ପ୍ରକାଶ୍ୟରେ ଆମ୍ଭ ଉଦ୍ଦେଶ୍ୟର ବ୍ୟୟ କରନ୍ତୁ"।

ଉପରୋକ୍ତ ଆୟତ୍‌ରେ ଅଲ୍ଲାଃତାଲା ସେହି ବଳିଦାନର ମହତ୍ତ୍ୱ ସଂକ୍ରାନ୍ତରେ ଆମମାନଙ୍କର ଧ୍ୟାନ ଆକର୍ଷଣ କରିଛନ୍ତି ଯାହାକି ହଜ୍ଜେ ବୈତୁଲ୍ଲାଃ (ଖାନା କାଆବାର ପରିକ୍ରମା) ଅବସରରେ ସମ୍ପାଦନ କରାଯାଇଥାଏ ଏବଂ ଅଲ୍ଲାଃତାଲା କହିଲେ କହିଲେ, ଏହି ବଳିଦାନ ଅଲ୍ଲାଃତାଲାଙ୍କ ପୀଠ ମଧ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି ଏବଂ ତୁମମାନଙ୍କ ନିମନ୍ତେ ସେହି ବଳିଦାନଗୁଡ଼ିକ ମଧ୍ୟରେ ଅଲ୍ଲାଃତାଲାଙ୍କ ପକ୍ଷରୁ ବୃହତ୍ କଲ୍ୟାଣ ଧାର୍ଯ୍ୟ ବା ନିହିତ ରହିଛି । ସେହି ଲୋକମାନେ ଯେଉଁମାନେ ସତ୍ୟ ସହିତ ଅବହିତ (ଅବଗତ) ଅଟନ୍ତି ସେମାନେ ଓ ମୁସଲମାନମାନଙ୍କ ମଧ୍ୟରୁ କେତେକ ଅବୋଧ ବ୍ୟକ୍ତିମାନେ ଏହି ଆପତ୍ତି କରିଦେଇ ଥାଆନ୍ତି ଯେ, ଇସ୍‌ଲାମ୍ ଧର୍ମ ଉକ୍ତ ବଳିଦାନ ବିନା କୌଣସି ତତ୍ତ୍ୱରେ ରଖି ଦେଇଛି । ଏହି ଟଙ୍କା ବଦଳରେ କଲେଜ କାହିଁକି ଜାରି (ଖୋଲା) କରା ନଯିବ ବା ସେହିପରି ଜାତୀୟ କଲ୍ୟାଣ ଏବଂ ସର୍ବାଙ୍ଗୀନ ଉନ୍ନତିର ସାଧନ କରାଯିବା ଉଚିତ୍ । ମନେକରାଯାଉ ହଜ୍ ତୀର୍ଥ ଅବସରରେ 40,000 ଖାସି ଜେବହ୍ ହୁଅନ୍ତି ଏବଂ ଗୋଟିଏ ଖାସିର ହାରିହାରି ମୂଲ୍ୟ 25 ଟଙ୍କା (ବର୍ତ୍ତମାନର 10,000/, 12,000/-ଟଙ୍କା) ଧରି ନିଆଯାଏ ତେବେ ଏହାର ଅର୍ଥ ଏହା ହେବ କି ଏକ କୋଟି 25 ଲକ୍ଷ ଟଙ୍କାର ବକ୍ରାହ୍ (ଖାସି) ହଜ୍ ତୀର୍ଥ ଅବସରରେ ଜେବହ୍ ହୋଇଥାଆନ୍ତି । ପୁନଶ୍ଚ ଓଟ ଆଦି ଅନ୍ୟାନ୍ୟ ଜୀବମାନେ ରହିଛନ୍ତି । ସେହି ସମସ୍ତ ଜୀବଙ୍କୁ ଯଦି ମିଶାଇ ଦିଆଯାଏ ହାରିହାରି 2 କୋଟି ଟଙ୍କା ମୂଲ୍ୟର କୁର୍ବାନୀ (ବଳିଦାନ) ଜୀବମାନଙ୍କ ଉପରେ ବ୍ୟୟ କରାଯାଇଥାଏ । ସୁତରାଂ ଯେଉଁ ଲୋକମାନେ ଆପତ୍ତି କରିଥାଆନ୍ତି କି ଏହି ଟଙ୍କା ଯାହାକି ଜୀବମାନଙ୍କ ଉପରେ ବ୍ୟୟ କରାଯାଇଥାଏ ତେବେ ଏହା ବଦଳରେ ଆରବୀୟ ବାସୀଙ୍କର କାହିଁକି ସଂସ୍କାର କରା ନଯିବ । ସେହିପରି ପାବନ ଭୂମି ମକ୍କା ଠାରେ କଲେଜ୍ (ମହାବିଦ୍ୟାଳୟ) ଓ ସ୍କୁଲ୍ (ବିଦ୍ୟାଳୟ) ଇତ୍ୟାଦି କାହିଁକି ଖୋଲା ନଯିବ। ମୁଁ ସେହି ପ୍ରଶ୍ନକର୍ତ୍ତାମାନଙ୍କୁ ସର୍ବଦା ଏହି ଉତ୍ତର ପ୍ରଦାନ କରିଥାଏ ଯେ, ବେଳେବେଳେ ଜାତି ଉପରେ ଏପରି (ବିପତ୍ତି) ସମୟ ମଧ୍ୟ ଆସିଥାଏ ଯେତେବେଳେ ଜାତିକୁ ଏପରି ବଳିଦାନ ଦେବାକୁ ପଡ଼ିଥାଏ ଯାହାକି ପ୍ରକାଶ୍ୟ ରୂପେ ଲାଭପ୍ରଦ ଅର୍ଥାତ୍ କ୍ଷତି ଦୃଶ୍ୟମାନ ହୋଇଥାଏ । କିନ୍ତୁ ବାସ୍ତବରେ ସେହି ବଳିଦାନର ଟ୍ରେନିଂ (ପ୍ରଶିକ୍ଷଣ) ନିମନ୍ତେ ଇସ୍‌ଲାମ୍ ଧର୍ମ ଏହି ପରମ୍ପରା ଜାରି କରିଛି ଯେ, ଏଭଳି ସ୍ଥିତି ଏବଂ ଏହିଭଳି ଅବସରରେ ସେମାନଙ୍କୁ (ବଳିଦାନକାରୀଙ୍କୁ) ଯେଉଁ ଯୁକ୍ତି କିମ୍ବା କୌଶଳ ଦୃଶ୍ୟମାନ ହେଉ ଅବା ନହେଉ ତେବେ ସେହି ପରିପ୍ରେକ୍ଷୀରେ ସେମାନେ ବଳିଦାନ କରି ଚାଲନ୍ତୁ । ଉଦାହରଣ ସ୍ୱରୂପ ଯଦି କୌଣସି ଦେଶରେ ଜଣେ ମୁସଲମାନ ବ୍ୟକ୍ତି ବାସ କରେ ଏବଂ ସେଠାକାର ସରକାର ଯଦି ଅତ୍ୟାଚାର ତଥା ଅନ୍ୟାୟମୂଳକ ଆଦେଶ ଦେଇ ଦିଅନ୍ତି ତେବେ ଯେଉଁ ଅନ୍ୟାୟ ସାହାଯ୍ୟରେ ସେହି ସରକାର ଇସଲାମ୍ ଧର୍ମକୁ ନିଶ୍ଚିହ୍ନ କରିବାକୁ ଚାହାନ୍ତି ତେବେ ଏଭଳି ପରିସ୍ଥିତିରେ ଇସ୍‌ଲାମୀୟ ଶିକ୍ଷାନୁଯାୟୀ ସେହି ବ୍ୟକ୍ତି ଏହା କହିବ ନାହିଁ ଯେ, ବଳିଦାନ ଦେବାର ଯଦି କୌଣସି ପ୍ରୟୋଜନୀୟତା ଓ ଆବଶ୍ୟକତା ନାହିଁ ତେବେ ମୁଁ କାହିଁକି ନିଜର ବଳିଦାନ ଦେଇ ଦେବି ? ମୁଁ କାହିଁକି ନିଜକୁ ଉତ୍ସର୍ଗ କରିଦେବି । ନା ଏପରି ନୁହଁ । ବରଂ ସେହି ବ୍ୟକ୍ତି ତୁରନ୍ତ ବଳିଦାନ ଦେବା ନିମନ୍ତେ ନିଜକୁ ଉପସ୍ଥାପିତ କରିଦେଉ । କାରଣ ଯେପର୍ଯ୍ୟନ୍ତ ସେହି ବ୍ୟକ୍ତି ନିଜେ ବଳିଦାନ ଦେଇ ନାହିଁ ସେପର୍ଯ୍ୟନ୍ତ ସେ ଅନ୍ୟମାନଙ୍କୁ ବଳିଦାନ ଦେବା ନିମନ୍ତେ ଆହ୍ୱାନ ମଧ୍ୟ ଦେଇ ପାରିବ ନାହିଁ । ସେହି ବ୍ୟକ୍ତିକୁ ଯଦି ଫାଶି ଖୁଣ୍ଟରେ ଝୁଲାଇ ଦିଆଯାଏ ତେବେ ଅନ୍ୟ ବ୍ୟକ୍ତି ମଧ୍ୟ ଫାଶି ଖୁଣ୍ଟରେ ଝୁଲିବା ନିମନ୍ତେ ବାହାରି ଆସିବ । ସେହି ଦ୍ୱିତୀୟ ବ୍ୟକ୍ତିକୁ ଯେତେବେଳେ ଫାଶି ଦଣ୍ଡ ଦିଆଯିବ ସେତେବେଳେ ତୃତୀୟ ବ୍ୟକ୍ତି ବାହାରି ଆସିବ । ଏହିପରି ଭାବରେ ଧୀରେ ଧୀରେ ଜାତି ମଧ୍ୟରେ ଏଭଳି ଏକ ଉତ୍ସାହମୂଳକ ଜାଗରଣ ଓ ବିପ୍ଳବ ସୃଷ୍ଟି ହୋଇଯିବ ଯଦ୍ଦ୍ୱାରାକି ଇସ୍‌ଲାମ୍ ଧର୍ମର ସୁରକ୍ଷା ନିମନ୍ତେ ପାଗଳପ୍ରାୟ ଛିଡ଼ା ହୋଇଯିବ ଏବଂ ଅବିଶ୍ୱାସ ପରାଜିତ ହେବାକୁ ବାଧ୍ୟ ହେବ ।

ରସୁଲ୍ କରୀମ୍ ସ.ଅ ଯେତେବେଳେ ପାବନ ଭୂମି ମକ୍କାରେ ଅବତାରତ୍ୱର ଦାବି କଲେ ସେତେବେଳେ ଯେଉଁ ସାହାବାମାନେ ବଳିଦାନ ଦେଲେ । ପ୍ରକାଶ୍ୟ ରୂପେ ସେହି ବଳିଦାନଗୁଡ଼ିକର କୌଣସି ଲାଭ ନାହିଁ କି ମୂଲ୍ୟ ନଥିଲା ବୋଲି ପ୍ରତିତ ହେଉଥିଲା । ଯଦିଚ ତାହା ଅପରିଣାମ ଓ ଅମୀମାଂସିତ ବୋଲି ପ୍ରତିତ ହେଉଥିଲା। କିନ୍ତୁ ତଥାପି ସେହି ବଳିଦାନ ଫଳରେ ହିଁ ପବିତ୍ର ମକ୍କା ଭୂମି ଜୟଯୁକ୍ତ ହେଲା । ସମଗ୍ର ଆରବ ଇସ୍‌ଲାମୀୟ ଧ୍ୱଜା ତଳେ ଚାଲି ଆସିଲା । ସାହାବାମାନେ ଯେତେବେଳେ ମକ୍କାରେ ବଳିଦାନ ଦେଉଥିଲେ ସେତେବେଳେ କୌଣସି ବ୍ୟକ୍ତି ଏହି କଳ୍ପନା ମଧ୍ୟ କରିପାରୁ ନଥିଲା ଯେ, ଦିନେ ଏହି ବଳିଦାନ କରିବା ଫଳରେ ରସୁଲ୍ କରୀମ୍ ସ.ଅଙ୍କୁ ମହାନ ମର୍ଯ୍ୟାଦା ପ୍ରାପ୍ତ ହେବ । ସେହି କାଳରେ ମହିଳାମାନଙ୍କର ଯୋନୀରେ ଯେଉଁ ବର୍ଚ୍ଛା ଭୂଷି ସେମାନଙ୍କୁ ଅତ୍ୟନ୍ତ ନିର୍ମମ ଭାବରେ ହତ୍ୟା କରାଯାଉଥିଲା, ଯେଉଁ ଲୋକମାନଙ୍କୁ ଦୁଇଟି ଓଟ ସାହାଯ୍ୟରେ ବାନ୍ଧି ବିପରୀତ ଦିଗରେ ଓଟକୁ ଦଉଡ଼ାଇ ସେମାନଙ୍କୁ ଖଣ୍ଡ ବିଖଣ୍ଡିତ କରି ଦିଆଯାଉଥିଲା ସେହି ମହିଳା ଏବଂ ପୁରୁଷମାନଙ୍କର ବଳିଦାନକୁ ଦେଖି ପ୍ରତ୍ୟେକ ବ୍ୟକ୍ତି ଏହା ମନେକରୁଥିଲା ଯେ, ଏହି ଲୋକମାନେ ତୁଚ୍ଛାଟାରେ ନିଜର ଆୟୁଷ କ୍ଷୟ କରୁଛନ୍ତି । ଏହିପରି ଲୋକମାନଙ୍କ ମଧ୍ୟରୁ ହ. ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର.ଅ ମଧ୍ୟ ଅନ୍ୟତମ ବ୍ୟକ୍ତି ଥିଲେ । ଆରବ୍‌ର ଲବିଦ୍ ନାମକ ଜଣେ ପ୍ରଖ୍ୟାତ କବି ଏକ ସଭାରେ ନିଜର କବିତା ଶୁଣାଉଥିଲା ସେ ଏହି ପଂକ୍ତି ପାଠ କଲା-

أَلَا كُلُّ شَيْءٍ مَا خَلَا اللَّهَ بَاطِلُ ଅର୍ଥାତ୍ ହେ ସଭାରେ ଉପସ୍ଥିତ ଶ୍ରୋତାଗଣ ! ଶୁଣି ନିଅ ! ଅଲ୍ଲାଃତାଲାଙ୍କ ବ୍ୟତୀତ ପ୍ରତ୍ୟେକ ବସ୍ତୁ ବିନଷ୍ଟ ଓ ଧ୍ୱଂସ ହୋଇଯିବ। ଉସ୍‌ମାନ୍ ବିନ୍ ମଜ୍‌ଉ୍‌ନ ର.ଅ ଉକ୍ତ ପଂକ୍ତି ଶୁଣିବା ମାତ୍ରେ ଚିତ୍କାର କରି କହି ଉଠିଲେ, ହଁ ହଁ ଉକ୍ତ କଥାଟି ସଂପୂର୍ଣ୍ଣ ରୂପେ ଠିକ୍। ବାସ୍ତବରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ ସମସ୍ତ ବସ୍ତୁ ନଶ୍ୱର ଅର୍ଥାତ ଧ୍ୱଂସ ହୋଇଯିବ । ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର.ଅ ସେତେବେଳେ ସ୍ୱଳ୍ପାୟୁ ବର୍ଷର ବାଳକ ଥିଲେ । ଆପଣ ଯେତେବେଳେ ପ୍ରଶଂସା କଲେ ସେତେବେଳେ ଲବିଦ୍ କ୍ଷୁବ୍ଧ ହୋଇଗଲା ଏବଂ ସେ ଲୋକମାନଙ୍କୁ କହିବାକୁ ଲାଗିଲା ଯେ, ଉକ୍ତ ବାଳକଟି ମୋର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଛି । କ'ଣ ମୁଁ ମୋର କବିତାବଳୀ ପାଠରେ ଏକ ସାମାନ୍ୟ ବାଳକର ପ୍ରଶଂସାର ସାହାଯ୍ୟ ଲୋଡ଼ିବି ? କେତେକ ଲୋକମାନେ ସେହି ବାଳକକୁ ବାଡ଼େଇବାକୁ ଛିଡ଼ା ହେଲେ । କିନ୍ତୁ ଅନ୍ୟ ଲୋକମାନେ ହସ୍ତକ୍ଷେପ କରି ଉକ୍ତ ପ୍ରସଙ୍ଗକୁ ରଫାଦଫା କରିଦେଲେ । ସେମାନେ ଉକ୍ତ ବାଳକକୁ କହିଦେଲେ ଯେ, ହେ ବତ୍ସ (ବାଳକ) ! ବର୍ତ୍ତମାନ ତୁମେ ଆଉ କିଛି କହିବ ନାହିଁ । ଏତଦ୍‌ପରେ ଲବିଦ୍ ଉକ୍ତ କବିତାର ଦ୍ୱିତୀୟ ପଂକ୍ତି ପାଠ କଲା ଯେ, وَكُلُّ نَعِيمٍ لَا مَحَالَةَ زَائِلُ ଅର୍ଥାତ୍ ପ୍ରତ୍ୟେକ ପୁରସ୍କାର ଦିନେ ନା ଦିନେ ସମାପ୍ତ ହୋଇଯିବ । ପ୍ରତ୍ୟୁତ୍ତରରେ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର.ଅ ଏହାକୁ ଶୁଣି ଆଉ ସହ୍ୟ କରି ରହିପାରିଲେ ନାହିଁ । ସେ କହିଦେଲେ ଯେ, ବୈକୁଣ୍ଠ ପୁରର ପୁରସ୍କାର କେବେ ବିଁ ସମାପ୍ତ ହେବ ନାହିଁ । ଲବିଦ୍ କ୍ରୋଧ ଜର୍ଜରିତ ହୋଇ ଉଠିଲା ଏବଂ ସେ କହିଲା, ମୁଁ ଉକ୍ତ ସଭାରେ ବର୍ତ୍ତମାନ ଆଉ ନିଜର କବିତା ଶୁଣାଇବା ନିମନ୍ତେ ପ୍ରସ୍ତୁତ ନୁହଁ । ଅର୍ଥାତ୍ ଆଉ ମୁଁ କବିତା ଶୁଣାଇ ପାରିବି ନାହିଁ । ଫଳତଃ ଲୋକମାନେ ଛିଡ଼ା ହେଲେ ଏବଂ ସେମାନେ ହ. ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର.ଅଙ୍କୁ ମାଡ଼ ମାରିବାକୁ ଆରମ୍ଭ କରିଦେଲେ ଏବଂ ଜଣେ ବ୍ୟକ୍ତି ଏତେ ଜୋରରେ ହ. ଉସ୍‌ମାନ୍ ର.ଅଙ୍କୁ ଗୋଇଠା ମାରିଲା ଯେ, ଉସମାନ୍ ବିନ୍ ମଜଉନ୍ ର.ଅଙ୍କ ଗୋଟିଏ ଚକ୍ଷୁର ଡୋଳା ବାହାରକୁ ବାହାରି ଆସିଲା । ହ. ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର.ଅଙ୍କ ପିତାଶ୍ରୀଙ୍କ ଜଣେ ସାଙ୍ଗ ମଧ୍ୟ ସେହି ସଭାରେ ବିରାଜମାନ ଥିଲେ । ପୂର୍ବେ ସେ ତାଙ୍କରି ଛତ୍ର ଛାୟାରେ ରହୁଥିଲେ । କିନ୍ତୁ ହ. ଉସ୍‌ମାନ୍ ର.ଅ ଯେତେବେଳେ ଏହା ଉପଲବ୍ଧି କଲେ ଯେ, ଅନ୍ୟମୁସଲମାନମାନେ ମାଡ଼ ଖାଉଛନ୍ତି ଏବଂ ସେ ନିଶ୍ଚିନ୍ତ ହୋଇ ମକ୍କାରେ ବୁଲୁଛନ୍ତି। ତେବେ ସେପରିପ୍ରେକ୍ଷୀରେ ସେ ସେହି ଅଧିପତିକୁ ଯାଇ କହିଦେଲେ ଯେ, ହେ ପିତାଶ୍ରୀଙ୍କ ବନ୍ଧୁ ! ମୁଁ ତୁମ୍ଭର ଆଶ୍ରୟରେ ଆଉ ରହିବାକୁ ଚାହୁଁ ନାହିଁ । ସୁତରାଂ ସେହି ବ୍ୟକ୍ତି ଏହି ଘୋଷଣା **(ଅବଶିଷ୍ଟାଂଷ ପୃ...10-ରେ)**

## (ଖୁତ୍‌ବା ଜୁମା)

ଇସ୍‌ଲାମୀୟ ସୈନ୍ୟବାହିନୀ ଅବିଶ୍ୱାସକାରୀଙ୍କ ଉପରେ ବିଜୟ ପ୍ରାପ୍ତ କରିବା ପରେ ଏକ ସାମୟିକ ପରାଜୟର ଆଘାତ ବା ଦାଗ ଏଇଥିପାଇଁ ଲାଗିଥିଲା ଯେ, ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିମାନେ ରସୁଲ୍ କରୀମ୍ ସା଼ଅଙ୍କ ଆଦେଶର ଅବମାନନା କଲେ ଏବଂ ଆପଣ ସ.ଅଙ୍କ ଆଦେଶ ପାଳନ କରିବା ପରିବର୍ତ୍ତେ ନିଜର ବ୍ୟକ୍ତିଗତ ଉଦ୍ୟମକୁ ସେମାନେ ବିନିଯୋଗ କରିଥିଲେ । ସେହି ଲୋକମାନେ ଆଁହଜରତ ସ.ଅଙ୍କ ପଛରେ ଯଦି ଏହିପରି ଚାଲି ଥାଆନ୍ତେ (ଅର୍ଥାତ୍ ଆଜ୍ଞା ପାଳନ କରିଥାଆନ୍ତେ) ଯେପରି ନାଡି ହୃତସ୍ପନ୍ଦନ ପଛରେ ଚାଲିଥାଏ । ସେମାନେ ଯଦି ଉକ୍ତ କଥା ବୁଝି ନେଇଥାଆନ୍ତେ ଯେ, ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କ ଗୋଟିଏ ଆଦେଶ ପାଳନ କରିବା ଦ୍ୱାରା ଯଦି ସମଗ୍ର ସଂସାର ତୁଳନାରେ ନିଜ ଜୀବନର ବଳିଦାନ ଦେବାକୁ ପଡ଼େ ତେବେ ତାହା ଅବାସ୍ତବ ବସ୍ତୁ ଅଟେ । ଅର୍ଥାତ୍ ସେହି ବସ୍ତୁର କୌଣସି ମୂଲ୍ୟ ନାହିଁ । ସେହି ସାହାବାମାନେ ଯଦି ବ୍ୟକ୍ତିଗତ ଉଦ୍ୟମକୁ ବିନିଯୋଗ କରି ନଥାଆନ୍ତେ ତେବେ ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ  ଯେଉଁ ଆଦେଶ ଦେଇଥିଲେ ଯେ, ସେମାନେ ପର୍ବତ ଉପରେ ଥିବା ସେହି ଫାଟକ ସ୍ଥାନକୁ ଖାଲି ଛାଡ଼ିବେ ନାହିଁ ତେବେ ଆପଣ ସ.ଅଙ୍କ ସାହାବାମାନଙ୍କର କୌଣସି କ୍ଷୟ କ୍ଷତି ହୋଇ ନଥାଆନ୍ତା । ଅର୍ଥାତ୍ ଆପଣ ସ.ଅ ସାହାବାମାନଙ୍କୁ ତାଗିଦ୍‌ମୂଳକ ଏହି ଆଦେଶ ଦେଇଥିଲେ ଯେ, ସେମାନେ ଯେକୌଣସି ପରିସ୍ଥିତିରେ ମଧ୍ୟ ପର୍ବତସ୍ଥ ଫାଟକ ମାର୍ଗକୁ ଖାଲି ଛାଡ଼ିବ ନାହିଁ । ଆଁହଜରତ ସ.ଅ ସାହାବାମାନଙ୍କୁ ଏହି ଆଦେଶ ଦେଇଥିଲେ ଯେ, ହେ ସାହାବାମାନେ ! ଆମେମାନେ (ଆପଣ ସ.ଅ ଏବଂ ମୁସଲମାନମାନେ) ଜୟଯୁକ୍ତ ହେଉ ଅବା ନହେଉ । ତୁମେ କିନ୍ତୁ ଏହି ସ୍ଥାନକୁ ଖାଲି ଛାଡ଼ିବ ନାହିଁ । (ହ. ମୁସ୍‌ଲେହ୍ ମଉଦ୍ ର.ଅ)

---

ଶୁଣିନିଅ ! ସେହି ଅସ୍ତିତ୍ୱର ଶପଥ କରି କହୁଛି ଯିଏ  ଆପଣ ସ.ଅଙ୍କୁ ସତ୍ୟତାର ସହିତ ପ୍ରେରଣ କରିଛନ୍ତି । ରସୁଲୁଲ୍ଲାଃ ସ.ଅ ଚାଖଣ୍ଡେ ମଧ୍ୟ ପଛଘୁଞ୍ଚା ଦେଲେ ନାହିଁ ଏବଂ ଆପଣ ସ.ଅ ଶତ୍ରୁ ବିପକ୍ଷରେ ଦୃଢ ଭାବରେ ଛିଡ଼ା ହୋଇ ରହିଥିଲେ । ଅଲ୍ଲାଃତାଲା ମଧ୍ୟ ଏହିପରି ଆପଣ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ ଯେ, ସଫ୍‌ୱାନ୍ ବିନ୍ ଉମୈୟାହ୍ କହିଲେ, "ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଆମମାନଙ୍କ ଅପେକ୍ଷା ଆପଣ ସ.ଅଙ୍କୁ ସର୍ବାଧିକ ଭାବରେ ସୁରକ୍ଷିତ କରି ଦିଆଯାଇଛି । ଅର୍ଥାତ୍ ଆପଣ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରାଯାଇଛି । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଆମେ ଚାରି ଜଣ ଲୋକ ମକ୍କାରୁ ବାହାରି ଥିଲୁ ଓ ତାଙ୍କୁ ହତ୍ୟା କରିବା ନିମନ୍ତେ ସର୍ତ୍ତ ଏବଂ ଶପଥ ମଧ୍ୟ କରିଥିଲୁ । କିନ୍ତୁ ଆମେମାନେ ହ. ମୁହମ୍ମଦ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରିଲୁ ନାହିଁ ।"

---

ଅବତାରମାନେ ସାହାସିକତାର ଏକ ଅପୂର୍ବ ଓ ଅନନ୍ୟ ଉଦାହରଣ ପ୍ରଦର୍ଶନ କରିଥାଆନ୍ତି । ଇସ୍‌ଲାମ୍ ଧର୍ମ ସହିତ ଈଶ୍ୱରଙ୍କ କୌଣସି ଶତ୍ରୁତା ନଥିଲା । କିନ୍ତୁ ଦେଖ ! ଓହୋଦ୍ ଯୁଦ୍ଧରେ ହ. ରସୁଲ୍ କରୀମ୍ ସ.ଅ ଏକୁଟିଆ ରହି ଯାଇଥିଲେ । ତହିଁରେ ଏହି ରହସ୍ୟ ରହିଥିଲା କି ଆଁହଜରତ ସ.ଅଙ୍କ ବୀରତ୍ୱ ଓ ଆପଣ ସ. ଅଙ୍କ ସାହାସିକତା ପରିସ୍ଫୁଟିତ ଓ ପରିପ୍ରକାଶିତ ହେଉ । ଆପଣ ସ.ଅ 10,000 ଅବିଶ୍ୱାସକାରୀଙ୍କ ବିପକ୍ଷରେ ଏକୁଟିଆ ଛିଡ଼ା ହୋଇଗଲେ ଏବଂ ଆପଣ ସ.ଅ କହିଲେ, ମୁଁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟେ । ଆପଣ ସ.ଅ ଏଭଳି ସର୍ବୋଚ୍ଚ ଆଦର୍ଶ ଏବଂ ଏପରି ସର୍ବୋଚ୍ଚ ଉଦାହରଣ ଉପସ୍ଥାପିତ କଲେ ଯେ, ତାହା ଅନ୍ୟ ଅବତାରମାନଙ୍କୁ ପ୍ରଦର୍ଶନ କରିବା ନିମନ୍ତେ ସୁଯୋଗ ମଧ୍ୟ ପ୍ରାପ୍ତ ହେଲା ନାହିଁ । (ହ. ମ ସିହ୍ ମଉଦ୍ ଅ.ସ)

---

ଓହୋଦ୍  ଯୁଦ୍ଧ ସଂପର୍କରେ ଲୋକମାନେ ନାନା ଅର୍ଥ କରିବାକୁ ଲାଗିଲେ । କିନ୍ତୁ ପ୍ରକୃତ କଥା ଏହିକି ଯେ, ସେତେବେଳେ ଅଲ୍ଲାଃତାଲାଙ୍କର ଅଧ୍ୟାତ୍ମ ଜ୍ୟୋତି ଥିଲା ଏବଂ ଆଁହଜରତ ସ.ଅଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଉକ୍ତ ଆଭା ଅର୍ଥାତ୍ ଅଧ୍ୟାତ୍ମ ଜ୍ୟୋତିକୁ ସହ୍ୟ ଓ ଗ୍ରହଣ କରିବା ନିମନ୍ତେ ସକ୍ଷମ ନଥିଲା । ଅତଃ ଆପଣ ସ.ଅ ସେହିଠାରେ ହିଁ ଦଣ୍ଡାୟମାନ (ଛିଡ଼ା) ହୋଇ ରହିଲେ କିନ୍ତୁ ଅନ୍ୟ ସାହାବାମାନଙ୍କର ପାଦ ଯୁଦ୍ଧ ଭୂମିରେ ତିଷ୍ଠି ପାରିଲା ନାହିଁ । ଅଲ୍ଲାଃତାଲାଙ୍କ ସହିତ ଆପଣ ସ.ଅଙ୍କର ଯେଉଁ ଅଲୌକିକ ସଂପର୍କ ରହିଥିଲା ସେହି ସତ୍ୟବାଦୀତା ଏବଂ ପବିତ୍ରତାର ଦୃଷ୍ଟାନ୍ତ ଅନ୍ୟତ୍ର ଦେଖିବାକୁ ମିଳୁ ନାହିଁ । ଠିକ୍ ସେହିପରି ଆପଣ ସ.ଅଙ୍କୁ ଈଶ୍ୱରଙ୍କ ଯେଉଁ ସାହାଯ୍ୟ ଓ ସମର୍ଥନ ପ୍ରାପ୍ତ ହୋଇଥିଲା ତାହାର ଦୃଷ୍ଟାନ୍ତ ମଧ୍ୟ ଅନ୍ୟତ୍ର ଦେଖିବାକୁ ମିଳୁ ନାହିଁ । (ହ. ମ ସିହ୍ ମଉଦ୍ ଅ.ସ)

**ଓହୋଦ୍ ଯୁଦ୍ଧ ଅବସରରେ ଆଁହଜରତ ସ.ଅଙ୍କ ଅପୂର୍ବ ବୀରତ୍ୱ, ସାହାସିକତା ଓ ଅବିଚଳତାର ଚର୍ଚ୍ଚା ।**

ଖୁତ୍‌ବା ଅନ୍ତେ ହୁଜୁର ଅନ୍‌ୱର୍ ଅ.ବ ଟର୍କିଶ୍ ଡେସ୍କର ଇନ୍‌ଚାର୍ଜ ତଥା ମୁବଲ୍ଲିଗ ସିଲ୍‌ସିଲା ସମ୍ମାନନୀୟ ସ୍ୱର୍ଗତ ଡାକ୍ତର ମୁହମ୍ମଦ ଜଲାଲ୍ ଶମ୍‌ଶ ସାହେବଙ୍କର ଉତ୍ତମ ଚର୍ଚ୍ଚା ଓ ତିନିଜଣ ମୃତକ ଯଥା- ରବ୍‌ୱା ଅନ୍ତର୍ଗତ ଭାମବଡ଼ିର ସମ୍ମାନନୀୟ ସ୍ୱର୍ଗତ ମାଷ୍ଟର ମୁହମ୍ମଦ ଇବ୍ରାହିମ୍ ସାହେବ, ଘାନାର ସମ୍ମାନନୀୟ ସ୍ୱର୍ଗତ ୟୁସୁଫ୍ ଉଜାରେ ସାହେବ, ଘାନାର ଆଉ ଜଣେ ମୃତକ ସମ୍ମାନନୀୟ ସ୍ୱର୍ଗତ ଅଲ୍‌ହାଜ୍ ଉସ୍‌ମାନ୍ ବିନ୍ ଆଦମ୍ ସାହେବଙ୍କର ଉତ୍ତମ ଚର୍ଚ୍ଚା ଏବଂ ନମାଜ ପରେ ସେମାନଙ୍କର ନମାଜ ଯନାଜାଃ ପାଠ କରିବାର ଘୋଷଣା ।

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 29 DECEMBER 2023 ମସିହା ଅନୁଯାୟୀ ୨୯/ଫତହ୍ ୧୪୦୨ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ବିଗତ ଖୁତ୍‌ବା ଜୁମାରେ ଓହୋଦ୍ ଯୁଦ୍ଧ ସଂପର୍କିତ ଚର୍ଚ୍ଚା ଚାଲିଥିଲା । ଆଜି ମଧ୍ୟ ମୁଁ ଓହୋଦ୍ ଯୁଦ୍ଧ ସଂପର୍କିତ ଅତିରିକ୍ତ ବିବରଣୀ ପ୍ରଦାନ କରିବି । ଯେପରିକି ପର୍ବତସ୍ଥ ଫାଟକ ମାର୍ଗ ଛାଡ଼ି ଦ୍ୱାରା ଅବିଶ୍ୱାସକାରୀମାନେ ପଛ ପଟୁ ଆକ୍ରମଣ କରିଥିଲେ ଏବଂ ଯୁଦ୍ଧ ପଶା ପାଲିଟି ଯାଇଥିଲା । ଶତ୍ରୁର ଆକ୍ରମଣ ଅତ୍ୟନ୍ତ ଭୟଙ୍କର ଥିଲା । ସେହି ଯୁଦ୍ଧ ସମୟରେ ଆଁହଜରତ ସ.ଅଙ୍କ ଅବିଚଳତା, ସାହାସିକତା ଓ ବୀରତ୍ୱର ଉଦାହରଣ କିପରି ରହିଥିଲା ? ତତ୍‌ସମ୍ବନ୍ଧରେ ବିସ୍ତୃତ ଭାବରେ ଏହା ଉଲ୍ଲେଖ ରହିଛି ଯେ, ଯେତେବେଳେ ଯୁଦ୍ଧ ପଶା ପାଲଟିଗଲା ଏବଂ ପଶା ପାଲଟିବା ପରେ ସାହାବାମାନେ ହତବୁଦ୍ଧି ଓ ହତବୁଦ୍ଧି ଅବସ୍ଥାରେ ନିଜକୁ ଆଉ ସମ୍ଭାଳି ନପାରି ବିକ୍ଷିପ୍ତତାର ଶିକାର ହୋଇଗଲେ। ସେତେବେଳେ ଆଁହଜରତ ସ.ଅ ସେହି କ୍ଷିପ୍ତ ବିକ୍ଷିପ୍ତତା ଏବଂ ନିଜର ଚତୁର୍ପାର୍ଶ୍ୱରେ ଶତ୍ରୁମାନଙ୍କର ଭିଡ଼କୁ ଦେଖି ନିଜ ସ୍ଥାନରୁ ହଟିଲେ ନାହିଁ । ଆପଣ ଅବିଚଳ ହୋଇ ନିଜ ସ୍ଥାନରେ ଦଣ୍ଡାୟମାନ ହୋଇ ରହିଲେ । ସାହାବାମାନଙ୍କୁ ଏଣେତେଣେ ପଳାୟନ କରୁଥିବାର ଦେଖି ସେମାନଙ୍କୁ ଡାକ ମାରି ଆପଣ ସ.ଅ କହିଲେ, ହେ ଅମକ ବ୍ୟକ୍ତି ! ମୋ ଆଡ଼କୁ ଆସ । ହେ ଅମକ ବ୍ୟକ୍ତି ! ମୋ ଆଡ଼କୁ ଆସ ! ମୁଁ ଈଶ୍ୱରଙ୍କ ବାର୍ତ୍ତାବହ ଅଟେ । କିନ୍ତୁ ପ୍ରତ୍ୟେକ ପାର୍ଶ୍ୱରରୁ ଆପଣ ସ.ଅଙ୍କ ଉପରେ ତୀର ବର୍ଷଣ କରାଯାଉଥିଲା । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆପଣ ସ.ଅ ଉଚ୍ଚ ସ୍ୱରରରେ ଏହା କହୁଥିଲେ ଯେ,

اَنَا النَّبِيُّ لَا كَذِب ٭ اَنَا ابْنُ عَبْدِالْمُطَّلِب ٭ اَنَا ابْنُ الْعَوَاتِكْ

ଅର୍ଥାତ୍ ହେ ସାହାବାମାନେ ! ମୁଁ ଅବତାର ଅଟେ ତହିଁରେ କୌଣସି ସଂଶୟ ନାହିଁ । ଏହା ମିଥ୍ୟା ନୁହେଁ । ମୁଁ ଅବଦୁଲ୍ ମୁତଲ୍ଲିବ୍‌ଙ୍କ ସୁପୁତ୍ର ଅଟେ । ମୁଁ ଅୱାତିକ୍ ଅର୍ଥାତ୍ ଆତିକ୍‌ମାନଙ୍କର ସୁପୁତ୍ର ଅଟେ । ସାଧାରଣତଃ ଜୀବନୀ ପୁସ୍ତକ ଏବଂ ବର୍ଣ୍ଣନାମାନଙ୍କରେ ଏହି ଶବ୍ଦଗୁଡ଼ିକୁ ଆପଣ ସ.ଅ ହୁନୈନ୍ ଯୁଦ୍ଧରେ କହିଥିଲେ । କିନ୍ତୁ ସେ ଯାହା ହେଉ ଏହି ଶବ୍ଦ ଆପଣ ସ.ଅ ୱହୋଦ୍ ଯୁଦ୍ଧ ଅବସରରେ ମଧ କହିଥିଲେ ଓ ହୁନୈନ୍ ଯୁଦ୍ଧରେ ମଧ କହିଥିଲେ । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-310, ଦାରୁଲ୍ କୁତୁବୁଲ୍ ଇଲମିୟାହ ବୈରୁତ୍)**

ଏଠାରେ ଅୱାତିକ୍ ନାମକ ଯେଉଁ ଶବ୍ଦ ପ୍ରୟୋଗ ହୋଇଛି ଏହା ଏକ ବହୁ ବଚନ ଶବ୍ଦ ଅଟେ । ଏହାର ଏକ ବଚନା ହେଲା ଆତିକ୍ । ଆତିକ୍ ନାମରେ ଏକାଧିକ ମହିଳିମାନେ ରହିଥିଲେ ଯେଉଁମାନେ ଆଁହଜରତ ସ.ଅଙ୍କ ଆଈ, ଜେଜେମା ଥିଲେ । ଯେପରିକି ଅତିକା ବିନତ୍ ବିଲାଲ୍ (ସେ ଅବ୍ଦେ ମୁନାଫ୍‌ଙ୍କ ମାତା ଥିଲେ), ଦ୍ୱିତୀୟ ଆଈ ହେଲେ ଆତିକା ବିନତ୍ ମୁରରାହ୍ (ସେ ହାଶିମ୍ ବିନ୍ ଅବ୍ଦେ ମୁନାଫ୍‌ଙ୍କ ମାତାଶ୍ରୀ ଥିଲେ), ତୃତୀୟ ଆତିକା ହେଲେ ଆତିକା ବିନ୍ ଅଉକସ୍ (ସେ ୱହବ୍ ଅର୍ଥାତ୍ ହ. ଆମିନାଙ୍କ ମାତାଶ୍ରୀ ଥିଲେ) ଥିଲେ । ଏହି ତିନିଜଣ ମହିଳାମାନେ ବନୁ ସୁଲେମ୍ ସଂପ୍ରଦାୟ ମଧ୍ୟରୁ ଅନ୍ୟତମ ମହିଳା ଥିଲେ ଏବଂ ଅନ୍ୟ ଛଅ ଜଣ ମହିଳା ଅନ୍ୟ ସଂପ୍ରଦାୟର ଥିଲେ । ସମସ୍ତେ ଆଁହଜରତ ସ.ଅଙ୍କ ଆଈ, ଜେଜେମା ଥିଲେ ।

**(ଲୁଗାତୁଲ୍ ହଦିସ୍ , ଭାଗ3-, ପୃ-97, ନୁମାନି କିତାବ୍ ଖାନା, ଲାହୋର)**

ଉକ୍ତ ଘଟଣାର ବିବରଣୀ ପ୍ରଦାନ କରି ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ସିରତ୍ ଖାତମୁନ୍ ନବୀୟିନ୍‌ରେ ଉଲ୍ଲେଖ କରିଛନ୍ତି ଯେ, "ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର.ଅଙ୍କ ସାଥିମାନଙ୍କୁ ଦେଖିଲେ ଯେ, ବର୍ତ୍ତମାନ ତ' ବିଜୟ ହୋଇ ସାରିଛି । ତେଣୁ ସେମାନେ ନିଜର ଅମୀର୍ (ସେନାପତି) ଅବ୍‌ଦୁଲ୍ଲାଃଙ୍କୁ କହିଲେ, ହେ ଅମୀର୍ ! ବର୍ତ୍ତମାନ ବିଜୟ ହୋଇ ସାରିଛି ଏବଂ ମୁସଲମାନମାନେ ମାଲେ ଗନିମତ୍ ସାଉଁଟୁଛନ୍ତି । ଆପଣ ଆମମାନଙ୍କୁ ବି ଟିକିଏ ଅନୁମତି ପ୍ରଦାନ କରନ୍ତୁ, ଆମେମାନେ ମଧ ସୈନ୍ୟବାହିନୀ ସହିତ ଯାଇ ସାମିଲ୍ ହୋଇଯିବୁ । ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର.ଅ ସେମାନଙ୍କୁ ଅଟକାଇଲେ ଏବଂ ଆଁହଜରତ ସ.ଅଙ୍କ ତାଗିଦ୍‌ମୂଳକ ଆଦେଶ ସ୍ମରଣ କରାଇଲେ । କିନ୍ତୁ ସେହି ସୈନ୍ୟମାନେ ବିଜୟର ଉଲ୍ଲାସରେ ଏତେ ନିମଜ୍ଜିତ ହୋଇଗଲେ ଯେ, ସେମାନଙ୍କୁ ଆଁହଜରତ ସ.ଅଙ୍କ ଆଦେଶ ଆଉ ମନେ ରହିଲା ନାହିଁ । ଅତଃ ସେମାନେ ନିଜ ଉକ୍ତିରୁ ୱହରିଗଲେ । ସେମାନେ ଏହି କହି ପର୍ବତ ତଳକୁ ଓହ୍ଲାଇଗଲେ ଯେ, ରସୁଲ୍ କରୀମ୍ ସ.ଅଙ୍କର କେବଳ ଏହି ଅର୍ଥ ଥିଲା କି ଯେପର୍ଯ୍ୟନ୍ତ ପରିସ୍ଥିତି ସଂପୂର୍ଣ୍ଣ ରୂପେ ଶାନ୍ତ ଓ ସାମାନ୍ୟ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ ପର୍ବତର ସେହି ଫାଟକ ମାର୍ଗଟିକୁ ଖାଲି ଛାଡ଼ିବ ନାହିଁ । ତେଣୁ ସେହି ସୈନ୍ୟମାନେ କହିଲେ, ହେ ଅମୀର୍ ! ବର୍ତ୍ତମାନ ତ' ବିଜୟ ହୋଇ ସାରିଛି ତେଣୁ ତଳକୁ ଯିବାରେ କିଛି ଅସୁବିଧା ନାହିଁ । ସୁତରାଂ ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ଓ ତାଙ୍କର ପାଞ୍ଚଜଣ ସୈନ୍ୟ ସାଥିଙ୍କ ବ୍ୟତୀତ ଅନ୍ୟ ସମସ୍ତ ସୈନ୍ୟ ପର୍ବତର ପାଦ ଦେଶକୁ ଓହ୍ଲାଇ ଗଲା । ସେହି ଫାଟକର ସୁରକ୍ଷା ପାଇଁ ଆଉ କେହି ରହିଲା ନାହିଁ । ଖାଲିଦ୍ ବିନ୍ ୱଲିଦ୍ ନିଜର ଚିଲ ପରି ଦୃଷ୍ଟି ବଳରେ ଦୂରରୁ ପର୍ବତର ସେହି ଫାଟକ ମାର୍ଗକୁ ଚାହିଁ ଯେତେବେଳେ ଦେଖିଲେ ଯେ, ସ୍ଥାନଟି ଲୋକଶୂନ୍ୟ ଅଛି, ସେତେବେଳେ ସେ ନିଜର ଅଶ୍ୱାରୋହୀଙ୍କୁ ଯଥାଶୀଘ୍ର ଏକତ୍ରିତ କରି ତୁରନ୍ତ ପର୍ବତର ସେହି ମାର୍ଗ ଆଡ଼କୁ ମୁହାଁଇଲେ । ଖାଲିଦ୍ ବିନ୍ ୱଲିଦ୍ ପଛେ ପଛେ ଇକ୍ରମା ବିନ୍ ଅବୁ ଜହଲ୍ ମଧ ବଳକା ସୈନ୍ୟବାହିନୀକୁ ସାଙ୍ଗରେ ଧିର ଦ୍ରୁତ ବେଗରେ ସେହି ସ୍ଥାନରେ ପହଞ୍ଚିଲେ ଏବଂ ଏହି ଉଭୟ ସୈନ୍ୟ ବାହିନୀ ଅବ୍‌ଦୁଲ୍ଲା ବିନ୍ ଜୁବୈର୍ ଏବଂ ତାଙ୍କର କେଇଟା ସାଥିଙ୍କୁ ମୁହୂର୍ତ୍ତକ ମଧରେ ଶହୀଦ କରି ଇସ୍‌ଲାମୀୟ ସୈନ୍ୟ ବାହିନୀର ପଛ ପଟୁ ହଠାତ୍ ଆକ୍ରମଣ କରିଦେଲେ । ମୁସଲମାନମାନେ ବିଜୟର ଉଲ୍ଲାସରେ ଆଶ୍ୱସ୍ତ ହୋଇ ଭୁଲି ଯାଇଥିଲେ ଏବଂ ବିକ୍ଷିପ୍ତ ହୋଇ ଯାଇଥିଲେ । ସେମାନେ ଏହି ସହସା ବିପତ୍ତି ଯୋଗୁଁ ବିଚଳିତ ହୋଇ ପଡ଼ିଲେ । କିନ୍ତୁ ତଥାପି ମୁସଲମାନମାନେ ନିଜକୁ ସମ୍ଭାଳିଲେ ଏବଂ ଅବିଶ୍ୱାସକାରୀଙ୍କ ଉପରେ ପାଲଟା ଆକ୍ରମଣ କରି ଅବିଶ୍ୱାସକାରୀଙ୍କ ଆକ୍ରମଣକୁ ପ୍ରତିହତ କରିବାକୁ ଚେଷ୍ଟା ମଧ କଲେ । କିନ୍ତୁ ସେତେବେଳେ କେହି ଜଣେ ଚତୁର ଶତ୍ରୁ ଏହି ସ୍ୱରୋତ୍ତୋଳନ କଲା ଯେ, ହେ ମୁସଲମାନମାନେ ! ଅବିଶ୍ୱାସକାରୀମାନେ ଅନ୍ୟ ଦିଗରୁ ମଧ ଆକ୍ରମଣ କରି ଦେଇଛନ୍ତି । ଅର୍ଥାତ୍ ଏହି ପଟୁ ଅକ୍ରମଣ ହୋଇଯାଇଛି । ମୁସଲମାନେମାନେ ହତବୁଦ୍ଧି ଏବଂ ଦ୍ୱନ୍ଦ୍ୱର ଶିକାର ହୋଇ ପୁନଶ୍ଚ ପରାଜିତ ହେବାକୁ ଲାଗିଲେ ଏବଂ ଦ୍ୱନ୍ଦ୍ୱ ତଥା ଆଲୋଡ଼ନ ଅବସ୍ଥାରେ କିଛି ନଦେଖି ନବୁଝି ନିଜ ଲୋକମାନଙ୍କ ଉପରେ ହିଁ ଅତର୍କିତ ଖଡ଼୍‌ଗ ଚାଳନା କରିବାକୁ ଆରମ୍ଭ କରିଦେଲେ । ଅନ୍ୟ ପଟରେ ମକ୍କାର ଜଣେ ସାହାସୀ ମହିଳା ଉମ୍ରାହ୍ ବିନତ୍ ଅଲ୍‌କମା ଯେତେବେଳେ ଉକ୍ତ ଦୃଶ୍ୟକୁ ଅବଲୋକନ କଲେ ସେତେବେଳେ ତୁରନ୍ତ ଆଗକୁ ବଢ଼ି କୁରୈଶ୍‌ର ଯେଉଁ ଧ୍ୱଜା ଯାହାକି ଭୂପତିତ ଅବସ୍ଥାରେ ପଡ଼ି ରହିଥିଲା ତାହାକୁ ଉପରକୁ ଟେକିଦେଲା । ଯାହାକୁ ଦେଖି ବିକ୍ଷିପ୍ତ କୁରୈଶ୍‌ର ସୈନ୍ୟବାହିନୀ ପୁନଃ ଏକତ୍ରିତ ହୋଇଗଲା । ଏହିପରି ଭାବରେ ମୁସଲମାନମାନେ ଚତୁର୍ପାର୍ଶ୍ୱରୁ ଶତ୍ରୁର ଚକ୍ରବ୍ୟୁହରେ ଫସିଗଲେ ଏବଂ ଇସ୍‌ଲାମୀୟ ସୈନ୍ୟବାହିନୀରେ ଚାଞ୍ଚଲ୍ୟକର ସ୍ଥିତି ସୃଷ୍ଟି ହୋଇଗଲା ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତରେ ବର୍ଣ୍ଣିତ ଘଟଣାବଳୀ ପୂର୍ବ ଖୁତ୍‌ବାମାନଙ୍କରେ ବର୍ଣ୍ଣିତ ହୋଇ ସାରିଛି ଯେ, ସାହାବାମାନେ କିପରି ଏକତ୍ରିତ ହୋଇଥିଲେ, କିପରି ଆକ୍ରମଣ ହୋଇଥିଲା, ଧ୍ୱଜା କିଏ ଉଠାଇଥିଲା । ସେ ଯାହା ହେଉ ଆଗକୁ ଯେଉଁ ଘଟଣାବଳୀ ରହିଛି ତାହା ମୁଁ ବର୍ତ୍ତମାନ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବି । ଆଁହଜରତ ସ.ଅ ଯିଏ ଉଚ୍ଚ ସ୍ଥାନରେ ଛିଡ଼ା ହୋଇ ଏହି ସମସ୍ତ ଦୃଶ୍ୟକୁ ଦେଖୁଥିଲେ । ଆପଣ ସ.ଅ ମୁସଲମାନମାନଙ୍କୁ ଡାକ ମାରି ଚାଲିଲେ । କିନ୍ତୁ କୋଳାହଳରେ ଆପଣ ସ.ଅଙ୍କ ସ୍ୱର ଦବି ଯାଉଥିଲା । ଆପଣ ସ.ଅଙ୍କ ସ୍ୱର ସାହାବାମାନଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରୁ ନଥିଲା । ଇତିହାସବିତ୍‌ମାନେ ଉଲ୍ଲେଖ କରନ୍ତି ଯେ, ଏହି ସମସ୍ତ ଘଟଣା ଏତେ କମ୍ ସମୟ ମଧରେ ଘଟିଗଲା ଯେ, ଅନେକ ମୁସଲମାନମାନେ ହତବାକ୍ ହୋଇଗଲେ । ଏପର୍ଯ୍ୟନ୍ତକି ହତବୁଦ୍ଧି ହୋଇ କେତେକ ମୁସଲମାନମାନେ ପରସ୍ପର ଉପରେ ଆକ୍ରମଣ କରିବାକୁ ଲାଗିଲେ ଏବଂ ପର ଆପଣା କିଛି ବାଛ ବିଚାର କରିପାରିଲେ ନାହିଁ । ସୁତରାଂ ସ୍ୱୟଂ ମୁସଲମାନ ହସ୍ତରୁ ଅନ୍ୟ କେତେକ ମୁସଲମାନମାନେ ଆହତ ହୋଇଗଲେ। ଯେପରିକି ଗତ ଖୁତ୍‌ବାରେ ଚର୍ଚ୍ଚା ହୋଇଥିଲା କି "ହ. ହୁଜେଫାର ପିତା ୟମାନ୍‌ଙ୍କୁ ମୁସଲମାନମାନେ ଭୁଲ ବଶତଃ ଶହୀଦ୍ କରିଦେଇଥିଲେ । ହୁଜେଫା ସେତେବେଳେ ପାଖରେ ହିଁ ଥିଲେ। ସେ ଚିତ୍କାର କରୁଥିଲେ ଯେ, ହେ ମୁସଲମାନମାନେ ! ଏ ମୋର ପିତାଶ୍ରୀ ଅଟନ୍ତି କିନ୍ତୁ ସେତେବେଳେ କିଏ ବା ଶୁଣୁଛି ଆଉ । ଆଁହଜରତ୍ ସ.ଅ ପରବର୍ତ୍ତୀ ସମୟରେ ମୁସଲମାନମାନଙ୍କ ପକ୍ଷରୁ ୟମାନ୍‌ଙ୍କର କ୍ଷରିତ ରକ୍ତର ଦିୟତ (କ୍ଷତିପୂରଣ) ଦେବାକୁ ଚାହିଁଲେ । କିନ୍ତୁ ହୁଜେଫା ଦିୟତ ନେବାକୁ ଅସ୍ୱୀକାର କରିଦେଲେ ଏବଂ କହିବାକୁ ଲାଗିଲେ ଯେ, ମୁଁ ନିଜ ପିତାଙ୍କୁ ଶହୀଦ୍ କରିଥିବା ଲୋକମାନଙ୍କୁ କ୍ଷମା କରିଦେଇଛି ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-491-492)**

ଉକ୍ତ ଘଟଣାକୁ ବର୍ଣ୍ଣନା କରିବାକୁ ଯାଇ ହ. ଖଲିଫତୁଲ୍ ମସିହ୍ ସାନି ର.ଅ କୁହନ୍ତି: "ଏକ ଅନ୍ଧକାରମୟ ସମୟଟି ସେହି ସମୟ ଥିଲା ଯେତେବେଳେ ୱହୋଦ୍ ଯୁଦ୍ଧରେ ଆପଣ ସ.ଅ ଆହତ ହେଲେ ଏବଂ ଏପରି ଘଟଣା ଘଟିଗଲା ଯେ, ଇସଲାମୀୟ ସୈନ୍ୟବାହିନୀର ବିଜୟ ପରାଜୟରେ ବଦଳିଗଲା । ଉକ୍ତ ଯୁଦ୍ଧରେ ପର୍ବତରେ ଏଭଳି ଏକ ସ୍ଥାନ ରହିଥିଲା ଯେଉଁ ସ୍ଥାନ ଦେଇ ଶତ୍ରୁ ଅତି ସହଜରେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିପାରି ଥାଆନ୍ତା । ତେଣୁ ସେହି ସ୍ଥାନରେ ଆପଣ ସ.ଅ ନିଜର କେତେକ ଲୋକମାନଙ୍କୁ ମନୋନୀତ କରି ସେଠାରେ ମୁତୟନ (ଛିଡ଼ା) କରିଥିଲେ ଏବଂ ସେମାନଙ୍କୁ ଆପଣ ସ.ଅ ଆଦେଶ ଦେଇଥିଲେ ଯେ, ଯୁଦ୍ଧର ଯେଉଁ ସ୍ଥିତି ଓ ଯେଉଁ ଫଳାଫଳ ହେଉ ନା କାହିଁକି । କିନ୍ତୁ ତୁମେମାନେ ଉକ୍ତ ପର୍ବସ୍ଥ ଫାଟକ ମାର୍ଗକୁ ଛାଡ଼ିବ ନାହିଁ । ଅର୍ଥାତ୍ ଏହି ସ୍ଥାନରୁ ହଟିବ ନାହିଁ । ଯେତେବେଳେ ଅବିଶ୍ୱାସକାରୀର ସୈନ୍ୟବାହିନୀ ବିକ୍ଷିପ୍ତ ହୋଇଗଲା ସେତେବେଳେ ପର୍ବତର ସେହି ମାର୍ଗରେ ମୁତୟନ ହୋଇଥିବା ସାହାବାମାନେ ଭ୍ରମବଶତଃ ଏହା ଭାବିନେଲେ ଯେ, ବର୍ତ୍ତମାନ ଏଠାରେ ରହିବାର କୌଣସି ଲାଭ ନାହିଁ । ଚାଲ ଆମେମାନେ ମଧ ଯୁଦ୍ଧରେ ଟିକିଏ ଅଂଶ ଗ୍ରହଣ କରିନେବା । ସେହି ସୈନ୍ୟମାନଙ୍କର ସେନାପତି ଜୁବୈର୍ ବିନ୍ ଅବ୍‌ଦୁଲ୍ଲାଃ ର.ଅ ସେମାନଙ୍କୁ କହିଲେ, ହେ ସୈନ୍ୟମାନେ ରସୁଲୁଲ୍ଲାଃ ସ.ଅଙ୍କ ଆଦେଶ ରହିଛି ଯେ, ଆମେମାନେ ପର୍ବତର ଉକ୍ତ ଫାଟକ ମାର୍ଗକୁ ଛାଡ଼ିବୁ ନାହିଁ । କିନ୍ତୁ ସେମାନେ ଆଦେଶକୁ ଖାତିର ନକରି କହିଲେ, ଆରେ ରସୁଲ୍ କରୀମ୍ ସ.ଅଙ୍କ ଯଥାର୍ଥ ଏହା ତ' ନଥିଲା ଯେ, ବିଜୟ ହୋଇଯିବା ପରେ ବି ଏହିଠାରେ ଛିଡ଼ା ହୋଇ ରହିବା। ଆପଣ ସ.ଅଙ୍କ ଆଦେଶର ଅର୍ଥ ଏହା ଥିଲା ଯେ, ଯେପର୍ଯ୍ୟନ୍ତ ଯୁଦ୍ଧ ଚାଲିଥିବ ସେପର୍ଯ୍ୟନ୍ତ ଆମେମାନେ ଏଠାରେ ହଟିବୁ ନାହିଁ ବା ଉକ୍ତ ସ୍ଥାନକୁ ଛାଡ଼ିବୁ ନାହିଁ । ବର୍ତ୍ତମାନ ତ' ବିଜୟ ହୋଇ ସାରିଛି, ଶତ୍ରୁ ପଳାୟନ କରୁଛି । ଆମମାନଙ୍କୁ ମଧ ତ' ଜିହାଦ୍ (ଧର୍ମଯୁଦ୍ଧ)ର କିଛି ପୁଣ୍ୟ ପ୍ରାପ୍ତ କରିବା ଉଚିତ୍ । ଅତଏବ୍ ପର୍ବତର ସେହି ମାର୍ଗଟି ଶୂନ୍ୟ (ଖାଲି) ହୋଇଗଲା । ହ. ଖାଲିଦ୍ ବିନ୍ ୱଲିଦ୍ ନାମକ ସେନାପତି

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଯେକି ସେତେବେଳ ପର୍ଯ୍ୟନ୍ତ ମୁସଲମାନ ହୋଇ ନଥିଲେ, ସେ ବୀର ଯୁବକଟିଏ ଥିଲେ ଏବଂ ତାଙ୍କର ଦୃଷ୍ଟି ଶକ୍ତି ଅତ୍ୟନ୍ତ ପ୍ରଖର ଥିଲା । ସେ ଯେତେବେଳେ ନିଜର ସୈନ୍ୟବାହିନୀ ସହିତ ପଳାୟନ କରୁଥିଲେ ସେତେବେଳେ ଦୈବାତ୍ ସେ ପଛକୁ ବୁଲି ଦେଖିଲେ ଓ ଉକ୍ତ ସ୍ଥାନକୁ ଫାଙ୍କା ପଡ଼ିଥିବାର ପାଇଲେ । ଏହା ଦେଖିବା ମାତ୍ରେ ସେ ଫେରି ଆସିଲେ ଏବଂ ମୁସଲମାନମାନଙ୍କ ଉପରେ ପଛ ପଟୁ ଆକ୍ରମଣ କରିଦେଲେ । ମୁସଲମାନମାନଙ୍କ ନିମନ୍ତେ ଉକ୍ତ ଆକ୍ରମଣଟି ସଂପୂର୍ଣ୍ଣ ରୂପେ ଅପ୍ରତ୍ୟାଶିତ ଥିଲା । ସେଇଥିପାଇଁ ସେମାନଙ୍କ ଉପରେ ଭୟପ୍ରଦ ଅବସ୍ଥା ବିସ୍ତାରିତ ହୋଇଗଲା । ସେମାନେ ଅର୍ଥାତ୍ ମୁସଲମାନମାନେ ବିକ୍ଷିପ୍ତ ହୋଇଯିବା କାରଣରୁ ଶତ୍ରୁ ପକ୍ଷ ସହିତ ମୁକାବିଲା କରିବାକୁ ସକ୍ଷମ ହୋଇପାରିଲେ ନାହିଁ । "

**(ତଫ୍‌ସିର୍ କବିର୍, ଭାଗ-9, ପୃ-76-77)**

ହ. ଖଲିଫତୁଲ୍ ମସିହ୍ ସାନି ର.ଅ ସୁରା ନୁର୍‌ର ଆୟତ୍ ସଂଖ୍ୟା 64ର ବ୍ୟାଖ୍ୟା କରି କୁହନ୍ତି ଯେ, ଯେଉଁ ଲୋକମାନେ ସେହି ବାର୍ତ୍ତାବହଙ୍କ ଆଦେଶକୁ ବିରୋଧ ତଥା ବିରୁଦ୍ଧାଚରଣ କରନ୍ତି ସେମାନଙ୍କୁ ଉକ୍ତ କଥାରୁ ଭୟ କରିବା ଉଚିତ୍ ଯେ, "କାଳେ ସେମାନଙ୍କ ଉପରେ ଈଶ୍ୱରଙ୍କ ପକ୍ଷରୁ କୌଣସି ଆପତ୍ତି ତ' ଅବତୀର୍ଣ୍ଣ ହୋଇ ନଯାଉ। ଅବା ସେମାନେ କୌଣସି କଷ୍ଟଦାୟକ ଶାସ୍ତିରେ ପିଡ଼ୀତ ହୋଇ ନଯାଆନ୍ତୁ।" ସୁତରାଂ ଦେଖନିଅ ! ଓହୋଦ୍ ଯୁଦ୍ଧରେ ଉକ୍ତ ଆଦେଶାବଳୀର ବିରୁଦ୍ଧାଚରଣ କରିବା ଯୋଗୁଁ ଇସ୍‌ଲାମୀୟ ସୈନ୍ୟବାହିନୀକୁ କେତେ ବଡ଼ କ୍ଷତି ସହ୍ୟ କରିବାକୁ ପଡ଼ିଥିଲା।

ରସୁଲ୍ କରୀମ୍ ସ.ଅ ପର୍ବର ଏକ ଫାଟକ ମାର୍ଗ ସୁରକ୍ଷା ନିମନ୍ତେ 50 ଜଣ ସୈନ୍ୟବାହିନୀଙ୍କୁ ନିଯୁକ୍ତ କରିଥିଲେ ଏବଂ ପର୍ବତର ଉକ୍ତ ଫାଟକ ମାର୍ଗଟି ଏତେ ଗୁରୁତ୍ୱପୂର୍ଣ୍ଣ ଥିଲା ଯେ, ଆପଣ ସ.ଅ ସେମାନଙ୍କର ସେନାପତି ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ଅନ୍‌ସାରୀ ର.ଅଙ୍କୁ ଡକାଇ କହିଲେ, ହେ ଜୁବୈର୍ ! ଆମେମାନେ ନିହତ ହୋଇଯାଉ ଅବା ଜୟଯୁକ୍ତ ହେଉ ତୁମେମାନେ କିନ୍ତୁ ଉକ୍ତ ସ୍ଥାନକୁ ଛାଡ଼ିବ ନାହିଁ । କିନ୍ତୁ ଯେତେବେଳେ ଅବିଶ୍ୱାସକାରୀମାନେ ପରାସ୍ତ ହେଲେ ଏବଂ ମୁସଲମାନମାନେ ସେମାନଙ୍କର ପିଛା କଲେ ସେତେବେଳେ ସେହି ଫାଟକ ମାର୍ଗରେ ଯେଉଁ ସୈନ୍ୟମାନେ ମୁତୟନ ହୋଇଥିଲେ ସେମାନେ ନିଜର ସେନାପତିଙ୍କୁ କହିଲେ, ହେ ସେନାପତି ! ବର୍ତ୍ତମାନେ ତ' ବିଜୟ ହୋଇ ସାରିଛି, ଆମମାନଙ୍କର ଏଠାରେ ଜଗି ରହିବା ବ୍ୟର୍ଥ ଅଟେ । ଆପଣ ଆମମାନଙ୍କୁ ଅନୁମତି ପ୍ରଦାନ କରନ୍ତୁ କି ଆମେମାନଙ୍କୁ ମଧ୍ୟ ଜିହାଦ୍‌ରେ ଅଂଶ ଗ୍ରହଣ କରିବାର ପୁଣ୍ୟ ପ୍ରାପ୍ତି ହେବ । ଅର୍ଥାତ୍ ଆମେମାନେ ମଧ୍ୟ ପୁଣ୍ୟାର୍ଜନ କରିବୁ । ସେହି ସୈନ୍ୟମାନଙ୍କୁ ସେମାନଙ୍କର ସେନାପତି ଅର୍ଥାତ୍ ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର.ଅ ବୁଝାଇଲେ, ହେ ସୈନ୍ୟଗଣ ଦେଖ ! ରସୁଲ୍ କରୀମ୍ ସ.ଅଙ୍କ ଆଦେଶର ବିରୁଦ୍ଧାଚରଣ ଏବଂ ଅବମାନନା ଆଦୌ କର ନାହିଁ । ରସୁଲ୍ କରୀମ୍ ସ.ଅ କହିଥିଲେ ପରା ଆମେମାନେ ବିଜୟୀ ହେଉ ଅବା ନହେଉ ତୁମେମାନେ କିନ୍ତୁ ଉକ୍ତ ଫାଟକ ମାର୍ଗକୁ ଛାଡ଼ିବା ନାହିଁ । ସୁତରାଂ ମୁଁ ତୁମମମାନଙ୍କୁ ଏଥି ନିମନ୍ତେ ଅନୁମତି ଦେଇ ପାରିବି ନାହିଁ ।

ସେମାନେ କହିଲେ, ରସୁଲ୍ କରୀମ୍ ସ.ଅଙ୍କ କହିବାର ତାତ୍ପର୍ଯ୍ୟ ଏହା ନଥିଲା । ବରଂ ଆପଣ ସ.ଅଙ୍କ କହିବାର ତାତ୍ପର୍ଯ୍ୟ ଏହା ଥିଲା କି ଜୟ ହେଉ ଅବା ପରାଜୟ ହେଉ ତୁମେମାନେ କିନ୍ତୁ ଏଠାରୁ ହଲିବ ନାହିଁ । ଆପଣ ସ.ଅଙ୍କ ଉଦ୍ଦେଶ୍ୟ କେବଳ ସେମାନଙ୍କୁ ତାଗିଦ୍ କରିବା ଥିଲା । ବର୍ତ୍ତମାନ ଯଦିଓ ବିଜୟ ହୋଇ ସାରିଛି ତେଣୁ ଏଠାରେ ଆମମାନଙ୍କର ଆଉ କ'ଣ ବା କାମ ? ଅର୍ଥାତ୍ ଏଠାରେ ଆମମାନଙ୍କର ଆଉ ଆବଶ୍ୟକତା ନାହିଁ । ସୁତରାଂ ସେମାନେ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ ନିଜର ରାୟ ବା ନିଜର ମତାମତକୁ ଅଗ୍ରାଧିକାର ପ୍ରଦାନ କରି ସେହି ସ୍ଥାନକୁ ଖାଲି ଛାଡ଼ିଦେଲେ । କିନ୍ତୁ ସେହି ସୈନ୍ୟବାହିନୀ ମଧ୍ୟରୁ ସେନାପତି ଓ ଆଉ କେତେଜଣ ସୈନ୍ୟ ଅବଶିଷ୍ଟ ରହିଯାଇଥିଲେ । ସେମାନେ ଉକ୍ତ ସ୍ଥାନକୁ ଜଗି ରହିଥିଲେ । ଯେତେବେଳେ ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ମକ୍କା ଅଭିମୁଖେ ପଳାୟନ କରୁଥିଲା ସେତେବେଳେ ଖାଲିଦ୍ ବିନ୍ ୱଲିଦ୍ ର.ଅ ପଛକୁ ବୁଲି ଦେଖିଲେ ଯେ, ପର୍ବସ୍ଥ ଫାଟକ ମାର୍ଗଟି ଖାଲି ପଡ଼ିଛି (ସେଠାରେ ଅଧିକ ସୈନ୍ୟବାହିନୀ ନାହାନ୍ତି) । ସେମାନେ ଅମ୍ର ବିନ୍ ଆସ୍‌କୁ ଡାକ ମାରିଲେ । ଏମାନେ ଦୁହେଁ ଏଯାବତ୍ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇ ନଥିଲେ । ଏମାନେ କହିଲେ ଦେଖ ! କେଡ଼େ ସୁବର୍ଣ୍ଣ ସୁଯୋଗ ଆସିଛି ଆସ ଆମେମାନେ ମୁସଲମାନମାନଙ୍କ ଉପରେ ପାଲଟା ଆକ୍ରମଣ କରିଦେବା । ସୁତରାଂ ଏମାନେ ଦୁହେଁ ଅର୍ଥାତ୍ ଖାଲିଦ୍ ବିନ୍ ୱଲିଦ୍ ଓ ଅମ୍ର ବିନ୍ ଆସ୍ ସେନାପତି ନିଜର ପଳାୟନ କରୁଥିବା ସୈନ୍ୟମାନଙ୍କୁ ସମ୍ଭାଳିଲେ ଏବଂ ଇସ୍‌ଲାମୀୟ ସୈନ୍ୟବାହିନୀର ବାହୁକୁ (ହ. ଜୁବୈର୍ ର.ଅ ଓ ଅନ୍ୟ ଅବିଶିଷ୍ଟ ସୈନ୍ୟ ବାହିନୀ) କର୍ତ୍ତନ (କାଟି) ପର୍ବତ ଉପରେ ଚଢିଗଲେ । କିଛିଟା ମୁସଲମାନମାନେ ଯେଉଁମାନେ ସେଠାରେ ଉପସ୍ଥିତ ଥିଲେ ଏବଂ ଯେଉଁମାନେ ଶତ୍ରୁ ପକ୍ଷର ମୁକାବିଲା କରିବାକୁ ସକ୍ଷମ ନଥିଲେ । ସେମାନଙ୍କୁ ଅବିଶ୍ୱାସକାରୀମାନେ ଖଣ୍ଡ ବିଖଣ୍ଡିତ କରିଦେଲେ ଓ ଇସ୍‌ଲାମୀୟ ସୈନ୍ୟ ବାହିନୀର ପଶ୍ଚାତ୍ ଭାଗ ଉପରେ ଆକ୍ରମଣ କରିଦେଲେ । ଅବିଶ୍ୱାସକାରୀମାନଙ୍କର ଉକ୍ତ ଆକ୍ରମଣ ଏତେ ଭୟଙ୍କର ଥିଲା ଯେ, ଯେଉଁ ମୁସଲମାନମାନେ ବିଜୟ ଉଲ୍ଲାସରେ ଏଣେତେଣେ ବିକ୍ଷିପ୍ତ ହୋଇଯାଇଥିଲେ ସେମାନଙ୍କର ପାଦ ଆଉ ଟିକ୍ଷି ପାରିଲା ନାହିଁ । ସେତେବେଳ କିଛି ସାହାବାମାନେ ଦଉଡ଼ି ଆସି ରସୁଲ୍ କରୀମ୍ ସ.ଅଙ୍କ ଆଖ ପାଖରେ ଏକତ୍ରିତ ହୋଇଗଲେ । ସେହି ସାହାବାମାନଙ୍କର ସଂଖ୍ୟା ଅତି ବେଶୀରେ 20 ଥିଲା । କିନ୍ତୁ ଏହି ସ୍ୱଳ୍ପ ସାହାବାମାନେ କେତେବେଳ ପର୍ଯ୍ୟନ୍ତ ଶତ୍ରୁ ପକ୍ଷ ସହିତ ମୁକାବିଲା କରିପାରି ଥାଆନ୍ତେ ?

ପରିଶେଷରେ ଅବଜ୍ଞାକାରୀମାନଙ୍କର ଭିଡ଼ ଯୋଗୁଁ ମୁସଲମାନ ସିପାହୀମାନେ ମଧ୍ୟ ପଛ ଆଡ଼କୁ ଘୁଞ୍ଚିବାକୁ ବାଧ ହେଲେ ଏବଂ ରସୁଲ୍ କରୀମ୍ ସ.ଅ ଯୁଦ୍ଧଭୂମିରେ ଏକୁଟିଆ ରହିଗଲେ । ଏହିପରି ଅବସ୍ଥାରେ ଏକ ପଥ ଆପଣ ସ.ଅଙ୍କ ସିରସ୍ତ୍ରାଣରେ ଆସି ବାଜିଲା । ଯଦ୍ୱାରାକି ସିରସ୍ତ୍ରାଣର (ହେଲମେଟ୍) କଣ୍ଟା ଆପଣ ସ.ଅଙ୍କ ମୁଣ୍ଡରେ ଫୁଟିଗଲା ଓ ଆପଣ ସ.ଅ ଅଚେତ୍ ହୋଇ ଏକ ଗର୍ତ୍ତ ମଧ୍ୟରେ ପଡ଼ିଗଲେ। ଉକ୍ତ ଗର୍ତ୍ତକୁ କେତେକ ଖଳ ପ୍ରକୃତିର ଅବିଶ୍ୱାସକାରୀମାନେ ଇସଲାମୀୟ ସୈନ୍ୟବାହିନୀକୁ କ୍ଷତି ପହଞ୍ଚାଇବା ନିମନ୍ତେ ଖୋଳିଥିଲେ ଏବଂ ଉକ୍ତ ଗର୍ତ୍ତକୁ ଘୋଡ଼ାଇ ଦେଇଥିଲେ । ଏହାପରେ ଆ ଉ କେତେ ଜଣ ସାହାବାମାନେ ଶହୀଦ୍ ହେଲେ ଏବଂ ସେହି ସାହାବାମାନଙ୍କର ପାର୍ଥିବ ଶରୀର ଆପଣ ସ.ଅଙ୍କ ଶରୀର ଉପରେ ଆସି ପଡ଼ିଗଲା । ଏହି ଗୁଜବ ପ୍ରଚାରିତ ହୋଇଗଲା ଯେ, **ନାଉଜୁବିଲ୍ଲାଃ** ରସୁଲ୍ କରୀମ୍ ସ.ଅ ଶହୀଦ୍ ହୋଇଯାଇଛନ୍ତି । କିନ୍ତୁ ସେହି ସାହାବାମମାନେ ଯେଉଁମାନେ ଅବିଶ୍ୱାସକାରୀ ସୈନ୍ୟବାହିନୀର ଭିଡ଼ ଯୋଗୁଁ ପଛକୁ ଠେଲି ହୋଇ ଯାଇଥିଲେ । ଅବିଶ୍ୱାସକାରୀଙ୍କ ହଟିବାରୁ ସେହି ସାହାବାମାନେ ପୁନଃ ରସୁଲ୍ କରୀମ୍ ସ.ଅଙ୍କ ଆକପାଖରେ ଏକତ୍ରିତ ହୋଇଗଲେ । ସେମାନେ ଆପଣ ସ.ଅଙ୍କୁ ଗର୍ତ୍ତ ମଧ୍ୟରୁ ବାହାରୁକୁ ବାହାର କଲେ । କିଛି କ୍ଷଣ ପରେ ରସୁଲ୍ କରୀମ୍ ସ.ଅଙ୍କ ଚେତା ଫେରିଲା ଏବଂ ଆପଣ ସ.ଅ ଯୁଦ୍ଧ ଭୂମିର ଚତୁର୍ଦିଗରେ ନିଜର ଲୋକମାନଙ୍କୁ ଦଉଡ଼ାଇ କହିଦେଲେ ଯେ, ସମସ୍ତ ମୁସଲମାନମାନେ ପୁନଃ ଏକତ୍ରିତ ହୋଇ ଯାଆନ୍ତୁ । ସୁତରାଂ ସମସ୍ତ ମୁସଲମାନମାନେ ଆପଣ ସ.ଅଙ୍କୁ ସାଙ୍ଗରେ ଧରି ପର୍ବତର ପାଦ ଦେଶକୁ ଚାଲିଗଲେ ।

ଇସ୍‌ଲାମୀୟ ସୈନ୍ୟବାହିନୀକୁ ଅବିଶ୍ୱାସକାରୀଙ୍କ ଉପରେ ବିଜୟ ପ୍ରାପ୍ତ କରିବା ପରେ ଏକ ସାମୟିକ ଦାଗ ବା ଚେଙ୍କ ଏଇଥିପାଇଁ ଲାଗିଲା ଯେ, ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିମାନେ ରସୁଲ୍ କରୀମ୍ ସ.ଅଙ୍କ ଆଜ୍ଞାର ଅବମାନନା କଲେ ଏବଂ ଆପଣ ସ.ଅଙ୍କ ମାର୍ଗଦର୍ଶନ ଅନୁଯାୟୀ ଆପଣ ସ.ଅଙ୍କ ଆଦେଶକୁ କାର୍ଯ୍ୟାନୁସରଣ କରିବା ପରିବର୍ତ୍ତେ ସ୍ୱଉଦ୍ୟମକୁ ବିନିଯୋଗ କରିବାକୁ ଆରମ୍ଭ କରିଦେଲେ । ସେହି ଲୋକମାନେ ଆଁହଜରତ ସ.ଅଙ୍କ ପଛରେ ଯଦି ଏହିପରି ଚାଲି ଥାଆନ୍ତେ ଯେପରି ନାଡି ହୃତସ୍ପନ୍ଦନ ପଛରେ ଚାଲିଥାଏ । ଅର୍ଥାତ୍ ଆପଣ ସ.ଅଙ୍କ ଆଦେଶ ପାଳ କରିଥାଆନ୍ତେ ଯେ, ଆମେମାନେ ଯଦି ଉକ୍ତ କଥା ବୁଝି ନେଇଥାଆନ୍ତୁ ଯେ, ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କ ଗୋଟିଏ ଆଦେଶ ପାଳନ କରିବା ଦ୍ୱାରା ଯଦି ସମଗ୍ର ସଂସାରକୁ ନିଜ ଜୀବନର ବଳିଦାନ ଦେବାକୁ ପଡ଼େ ତେବେ ତାହା ଅବାସ୍ତବ ବସ୍ତୁ ଅଟେ । ଅର୍ଥାତ୍ ସେହି ବସ୍ତୁର କୌଣସି ମୂଲ୍ୟ ତଥା ପ୍ରୟୋଜନୀୟତା ହିଁ ନାହିଁ ।

ସେହି ସୈନ୍ୟମାନେ ଯଦି ବ୍ୟକ୍ତିଗତ ଉଦ୍ୟମକୁ ବିନିଯୋଗ କରିଥାଆନ୍ତେ ତେବେ ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ ଯେଉଁ ନିର୍ଦ୍ଦେଶ ଦେଇଥିଲେ ସେହି ନିର୍ଦ୍ଦେଶ ପାଳନ କରିବାକୁ ଯାଇ ସେମାନେ ଉକ୍ତ ପର୍ବତର ମାର୍ଗକୁ କେବେ ହେଲେ ଛାଡ଼ି ନଥାଆନ୍ତେ । ଅର୍ଥାତ୍ ରସୁଲ୍ କରୀମ୍ ସେମାନଙ୍କୁ ଯେଉଁ ଆଦେଶ ଦେଇଥିଲେ ଯେ, ଆମେମାନେ ଅର୍ଥାତ୍ ରସୁଲ୍ କରୀମ୍ ସ.ଅ ଓ ମୁସଲମାନମାନେ ବିଜୟୀ ହୁଅନ୍ତୁ ଅବା ପରାସ୍ତ ମୃତ୍ୟୁବରଣ କରନ୍ତୁ କିନ୍ତୁ ତୁମମାନେ (ହ. ଅବ୍‌ଦୁଲ୍ଲାଃ ଏବଂ ତାଙ୍କର ସୈନ୍ୟମାନେ) ଉକ୍ତ ସ୍ଥାନକୁ ଖାଲି ଛାଡ଼ିବ ନାହିଁ ଏବଂ ଏଠାରୁ ହଟିବ ନାହିଁ । ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ସେହି ସୈନ୍ୟ ବାହିନୀ ଯଦି ଏହି ଭୁଲ୍ କରି ନଥାଆନ୍ତେ ତେବେ ଶତ୍ରୁକୁ ନା ପୁନଃ ଆକ୍ରମଣ କରିବାକୁେ ସୁଯୋଗ ମିଳି ଥାଆନ୍ତା ଓ ନା ହିଁ ମୁହମ୍ମଦ ରସୁଲୁଲ୍ଲାଃ ସ.ଅ ଏବଂ ଆପଣ ସ.ଅଙ୍କ ସାହାବାମାନଙ୍କୁ କୌଣସି କ୍ଷତି ସହ୍ୟ କରିବାକୁ ପଡ଼ିଥାଆନ୍ତା । **(ତଫ୍‌ସିର୍ କବିର୍, ଭାଗ-9, ପ-410-411)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ସୁତରାଂ ଅଲ୍ଲାଃତାଲା କହିଲେ, ତୁମେମାନେ ଅବଜ୍ଞା ପ୍ରଦର୍ଶନ କରିଥିବାରୁ କ୍ଷତି ସହ୍ୟ କଲ । ତେଣୁ ଅବଜ୍ଞା କରିବାର ଏହା ଭୟଙ୍କର ପରିଣାମ ଥିଲା । ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ମଧ୍ୟ ହ. ମୁସ୍‌ଲେହ୍ ମଉଦ୍ ର.ଅ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ଏହାର ବ୍ୟାଖ୍ୟା କରିଛନ୍ତି । ସୁରାହ୍ କୌସର୍‌ର ନାତିଦୀର୍ଘ ବ୍ୟାଖ୍ୟା ରହିଛି ଯାହା ଆପଣ ର.ଅ ବ୍ୟାଖ୍ୟା କରିଛନ୍ତି । ତହିଁରେ ମଧ୍ୟ ଉକ୍ତ ଘଟଣାର ଚର୍ଚ୍ଚା କରିଛନ୍ତି ଯେ, ଓହୋଦ୍ ଯୁଦ୍ଧ ଅବସରରେ ମୁସଲମାନମାନଙ୍କୁ ଅଲ୍ଲାଃତାଲା ବିଜୟ ପ୍ରଦାନ କଲେ ଏବଂ ଅବିଶ୍ଵାସକାରୀମାନେ ପଳାୟନ କଲେ । ଖାଲିଦ୍ ବିନ୍ ୱଲିଦ୍ ଓ ଅମ୍ର ବିନ୍ ଆସ୍ ଯେକି ଇସ୍‌ଲାମ୍ ଧର୍ମର ସବୁଠୁ ମହାନ ସେନାପତି ନାମରେ ଖ୍ୟାତ ଥିଲେ ସେମାନେ ବର୍ତ୍ତମାନ ଇସ୍‌ଲାମ୍ ଧର୍ମ ସ୍ଵୀକାର କରି ନଥିଲେ ଏବଂ ସେମାନେ ଉକ୍ତ ଯୁଦ୍ଧରେ ଅବିଶ୍ଵାସକାରୀଙ୍କ ପକ୍ଷରୁ ସାମିଲ୍ ହୋଇଥିଲେ । ରସୁଲ୍ କରୀମ୍ ସ.ଅ ସାହାବାମାନଙ୍କର ଏକ ଦଳକୁ ପର୍ବତର ଏକ ଫାଟକ ମାର୍ଗରେ ଛିଡ଼ା କଲେ ଏବଂ ସେମାନଙ୍କୁ ତାଗିଦ୍‌ମୂଳକ ଆଦେଶ ଦେଲେ ଯେ, ହେ ମୁସଲମାନ ସୈନ୍ୟ! ଆମେମାନେ ବିଜୀୟ ହେଉ ଅବା ନହେଉ ତୁମେମାନେ କିନ୍ତୁ ଏହି ସ୍ଥାନରୁ ହଟିବ ନାହିଁ । ଆମେମାନେ ମୃତ୍ୟୁବରଣ କରୁ ଅବା ନକରୁ ତୁମେମାନେ କିନ୍ତୁ ଉକ୍ତ ସ୍ଥାନକୁ ପରିତ୍ୟାଗ କରିବ ନାହିଁ । ମୁସଲମାନମାନଙ୍କ ମଧ୍ୟରେ ଜିହାଦ୍ କରିବାର ପ୍ରବଳ ଉତ୍ସାହ ରହିଥିଲା ଏବଂ ଏବେ ମଧ୍ୟ ଜିହାଦ୍ କରିବାର ଉତ୍ସାହ ରହିଛି । ସୁତରାଂ ଇସ୍‌ଲାମ୍ ଧର୍ମ ଯେତେବେଳେ ଜୟଯୁକ୍ତ ହେଲା ସେତେବେଳେ ଯେଉଁ ଲୋକମାନେ ଉକ୍ତ ପର୍ବତର ମାର୍ଗରେ ଛିଡ଼ା ହୋଇଥିଲେ ସେମାନେ ନିଜର ଅଫିସର (ସେନାପତି)ଙ୍କୁ କହିଲେ, ହେ ସେନାପତି ! ଆମେମାନେ ବି ଟିକିଏ ଜିହାଦ୍‌ରେ ଅଂଶ ଗ୍ରହଣ କରିବାକୁ ଅନୁମତି ପ୍ରଦାନ କରନ୍ତୁ । ଇସଲାମ୍ ଧର୍ମକୁ ତ' ବିଜୟ ପ୍ରାପ୍ତ ହୋଇସାରିଛି ଏବଂ ବର୍ତ୍ତମାନ ବିପଦର ଆଉ କୌଣସି ଆଶଙ୍କା ନାହିଁ। ଅତଏବ୍ ସେ ଅର୍ଥାତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର.ଅ କହିଲେ, ରସୁଲ୍ କରୀମ୍ ସ.ଅ ଆଦେଶ ଦେଇଥିଲେ ଯେ, ବିଜୟ ହେଉ ଅବା ପରାଜୟ ହେଉ, ଆମେମାନେ ମୃତ୍ୟୁବରଣ କରୁ ଅବା ଜୀବିତ ରହୁ ତୁମେମାନେ କିନ୍ତୁ ଏଠାରୁ ହଲିବ ନାହିଁ । ଆପଣ ସ.ଅ ତ' ଆମମାନଙ୍କୁ ସତର୍କତା ସ୍ଵରୂପ ଏଠାରେ ଛିଡ଼ା କରିଦେଇଥିଲେ ଅର୍ଥାତ୍ ମୁତୟନ କରିଥିଲେ । ଶତ୍ରୁ ବର୍ତ୍ତମାନ ପଳାୟନ କରିସାରିଛି ଏବଂ ଇସ୍‌ଲାମ୍ ଧର୍ମ ବିଜୟୀ ହୋଇ ସାରିଛି । ବର୍ତ୍ତମାନ ତହିଁରେ କୌଣସି ଅସୁବିଧା ଆଉ ରହିଲା ନାହିଁ ଯେ, ଆମେମାନେ ଉକ୍ତ ସ୍ଥାନକୁ ଛାଡ଼ିଦେବୁ ଏବଂ ଜିହାଦ୍‌ରେ ଟିକିଏ ଅଂଶ ଗ୍ରହଣ କରିନେବୁ । ସେନାପତି କହିଲେ, ଯେତେବେଳେ ଶାସକ କୌଣସି ଆଦେଶ ଦିଏ ସେତେବେଳେ ଅଧସ୍ତନ ଲୋକମାନଙ୍କର ଏହି ଅଧିକାର ଆଉ ରହିଲା ନାହିଁ ଯେ, ସେମାନେ ନିଜର ବୁଦ୍ଧିକୁ ପ୍ରୟୋଗ କରନ୍ତୁ । ରସୁଲ୍ କରୀମ୍ ସ.ଅ ଆମମାନଙ୍କୁ କହିଥିଲେ ଯେ, ଆମେମାନେ ଏଠାରୁ ହଟିବୁ ନାହିଁ । ସେ ପଛେ ବିଜୟ ହେଉ ଅବା ପରାଜୟ ହେଉ, ଆମେମାନ ମୃତ୍ୟୁବରଣ କରୁ ଅବା ଜୀବିତ ରହୁ କିନ୍ତୁ ଏହି ସ୍ଥାନକୁ ତୁମେମାନେ ଛାଡ଼ିବ ନାହିଁ । ଆଁହଜରତ ସ.ଅ ବିଶେଷ ରୂପେ ତାଗିଦ୍‌ମୂଳକ ଆଦେଶ ଦେଇଥିଲେ ଯେ, ଏହି ସ୍ଥାନ ଛାଡ଼ି କୁଆଡ଼େ ଯିବ ନାହିଁ । ତେଣୁ ଆପଣ ସ.ଅଙ୍କ ମାର୍ଗଦର୍ଶନ ଅନୁଯାୟୀ ଆମମାନଙ୍କୁ ଏହିଠାରେ ହିଁ ରହିବା ଉଚିତ୍ । ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର.ଅଙ୍କ ସୈନ୍ୟମାନେ କିନ୍ତୁ ଉକ୍ତ କଥାକୁ ଖାତିର୍ କଲେ ନାହିଁ ଏବଂ ନିଜସ୍ଵ ତ୍ରୁଟି ଯୋଗୁଁ ସେମାନେ ଏଭଳି ବ୍ୟଗ୍ରତା ପ୍ରକାଶ କରି ନିଜର ସେନାପତିଙ୍କୁ କହିଲେ, ହେ ସେନାପତି ମହୋଦୟ ! ଆପଣ ଏଇଠି ଥାଆନ୍ତୁ ଆମେ ଯାଉଛୁ ଜିହାଦ୍‌ରେ ଟିକେ ସାମିଲ୍ ହୋଇଯିବୁ । ସୁତରାଂ ସେମାନଙ୍କ ମଧ୍ୟରୁ ଅନେକ ସୈନ୍ୟ ପର୍ବତ ତଳକୁ ଓହ୍ଲାଇ ଆସିଲେ । କେବଳ ସେନାପତି ଓ ତାଙ୍କର କିଛି ସାଥିମାନେ ସେଠାରେ ରହିଗଲେ । ଖାଲିଦ୍ ବିନ୍ ୱଲିଦ୍ ଜଣେ ଚତୁର ଓ ବିଚକ୍ଷଣ ବ୍ୟକ୍ତି ଥିଲେ । ଇସ୍‌ଲାମ୍ ଧର୍ମରେ ମଧ୍ୟ ଆପଣ ସ.ଅଙ୍କ ଅତ୍ୟନ୍ତ ସୁନ୍ଦର ସୁନ୍ଦର କାର୍ଯ୍ୟ କାର୍ଯ୍ୟ କିରଛିନ୍ତି ଓ ଅବିଶ୍ଵାସକାରୀ ଥିବା ଅବସ୍ଥାରେ ମଧ୍ୟ ଆପଣ ଉଚ୍ଚ କୋଟିର ଜଣେ ସୁଦକ୍ଷ ସେନାପତି ଥିଲେ । ଖାଲିଦ୍ ବିନ୍ ୱଲିଦ୍ ଯେତେବେଳେ ନିଜର ସୈନ୍ୟବାହିନୀ ସହିତ ପଳାୟନ କରୁଥିଲେ ସେତେବେଳେ ହଠାତ୍ ତାଙ୍କର ଦୃଷ୍ଟି ପର୍ବସ୍ଥ ଫାଟକ ମାର୍ଗ ଉପରେ ପଡ଼ିଲା ଏବଂ ସ୍ଥାନଟି ସୈନିକ ଶୂନ୍ୟ ଥିବାର ପାଇଲେ ସେତେବେଳେ ଆପଣଙ୍କ ସହିତ ଅମ୍ର ବିନ୍ ଆସ୍ ମଧ୍ୟ ଥିଲେ । ଖାଲିଦ୍ ବିନ୍ ୱଲିଦ୍ ଅମ୍ରଙ୍କୁ କହିଲେ, ହେ ଅମ୍ର ! ଆମକୁ ବର୍ତ୍ତମାନ ସର୍ବୋଚ୍ଚ ସ୍ତରୀୟ ସୁଯୋଗ ପ୍ରାପ୍ତ ହୋଇଯାଇଛି । ଅମ୍ର ମଧ୍ୟ ସେହି ଆଡ଼କୁ ଦେଖିଲେ ଏବଂ ଦୁହେଁ ନିଜର ସୈନ୍ୟ ବାହିନୀକୁ ଧରି ପୁଣି ଫେରିଲେ । ଖାଲିଦ୍ ବିନ୍ ୱଲିଦ୍ ଗୋଟିଏ ପାର୍ଶ୍ଵର ପରିକ୍ରମା କରି ପର୍ବସ୍ଥ ଫାଟକ ମାର୍ଗ ଉପରେ ଆକ୍ରମଣ କରିଦେଲେ ଅମ୍ର ବିନ୍ ଆସି ଅନ୍ୟ ପାର୍ଶ୍ଵରୁ ଆକ୍ରମଣ କରିଦେଲେ । ସେହି ଫାଟକରେ ଯେଉଁ କେତେଜଣ ମୁସଲମାନ ସୈନିକମାନେ ଉପସ୍ଥିତ ଥିଲେ ସେମାନଙ୍କୁ ମାରି ସେ ମୁସଲମାନମାନଙ୍କର ପଛ ପଟୁ ଆକ୍ରମଣ କରିଦେଲେ । ମୁସଲମାନମାନେ ଉକ୍ତ ଫାଟକ ମାର୍ଗକୁ ନିଜ ନିମନ୍ତେ ସୁରକ୍ଷିତ ସ୍ଥାନ ଓ ନିଜକୁ ନିରାପଦ ବୋଲି ମନେକରୁଥିଲେ । କିନ୍ତୁ ମୁସଲମାନମାନେ ବିକ୍ଷିପ୍ତ ହୋଇଯାଇଥିଲେ । ଧାଡ଼ିର କ୍ରମ ଭାଙ୍ଗି ଯାଇଥିଲା ଏବଂ ଅବଶିଷ୍ଟ ରହିଯାଇଥିବା ଶତ୍ରୁଙ୍କର ମୁସଲମାନମାନେ ଯେତେବେଳେ ପିଛା କଲେ ଠିକ୍ ସେତିକିବେଳେ ଖାଲିଦ୍ ବିନ୍ ୱଲିଦ୍ ଓ ଅମ୍ର ବିନ୍ ଆସ୍ ସେମନଙ୍କ ଉପରକୁ ପଛ ପଟୁ ଆକ୍ରମଣ କରିଦେଲେ । ତେଣୁ ଗୋଟିଏ ଗୋଟିଏ ମୁସଲମାନ ବ୍ୟକ୍ତି ସମଗ୍ର ଅବିଶ୍ଵାସକାରୀଙ୍କ ସମ୍ମୁଖକୁ ଚାଲି ଆସିଲେ । କେତେକ ମୁସଲମାନମାନେ ଶହୀଦ୍ ହେଲେ ଏବଂ ଆଉ କେତେକ ମୁସଲମାନ ଆହତ ହେଲେ । ଅନ୍ୟ ମୁସଲମାନମାନଙ୍କର ପାଦ ଯୁଦ୍ଧ ଭୂମିରେ ତିଷ୍ଠି ନପାରି ଉପୁଡ଼ିଗଲା । ବିଶେଷ କରି ଶତ୍ରୁ ପକ୍ଷ ଯେତେବେଳେ ଆକ୍ରମଣ କରୁ କରୁ ରସୁଲ୍ କରୀମ୍ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚିଲା ସେତେବେଳେ ଆପଣ ସ.ଅଙ୍କ ନିକଟରେ ମାତ୍ର 12 ଜଣ ଲୋକମାନେ ରହିଯାଇଥିଲେ । ସେହି ଦୁଇ ସେନାପତି ଅର୍ଥାତ୍ ଖାଲିଦ୍ ବିନ୍ ୱଲିଦ୍ ଏବଂ ଅମ୍ର ବିନ୍ ଆସ୍ ନିଜର ଅନ୍ୟ ସେନାପତିମାନଙ୍କୁ ମଧ୍ୟ ସୂଚନା ଦେଇ ଦେଇଥିଲେ ଯେ, ତୁମମାନେ ମଧ୍ୟ ମୁସଲମାନମାନଙ୍କ ଉପରକୁ ଆକ୍ରମଣ କରିଦିଅ । ସୁତରାଂ ତିନି ହଜାର ସଂଖ୍ୟା ବିଶିଷ୍ଟ ସୈନ୍ୟ ବାହିନୀ ଏକତ୍ରିତ ଓ ପ୍ରସ୍ତୁତ ହୋଇ ଚାଲି ଆସିଲା । ଶତ୍ରୁ ପକ୍ଷରୁ ସେତେବେଳେ ପଥର ବୃଷ୍ଟି ହେଉଥିଲା, ତୀର ବର୍ଷଣ ହେଉଥିଲା, ଖଡ୍‌ଗ ଚାଲୁଥିଲା ଏବଂ ସମସ୍ତ ଇସ୍‌ଲାମୀୟ ସୈନ୍ୟ ବାହିନୀରେ ଏକ ଅପ୍ରିତୀକର ସ୍ଥିତି ଏବଂ ଦଳା ଚକଟା ସ୍ଥିତି ଉପୁଜି ଥିଲା । ଏଭଳି ଅବସ୍ଥାରେ ସାହାବାମାନେ ଅତୁଳନୀୟ ବଳିଦାନ ଦେଲେ । କିନ୍ତୁ 3000 ସଂଖ୍ୟକ ସଦ୍ୟତମ ସୈନ୍ୟବାହିନୀ ସମ୍ମୁଖରେ ସେମାନେ ତିଷ୍ଠି ପାରିଲେ ନାହିଁ ଏବଂ ସେମାନଙ୍କର ମୁକାବିଲା କରିପାରିଲେ ନାହିଁ । ଉକ୍ତ ଆକ୍ରମଣରେ ରସୁଲ୍ କରୀମ୍ ସ.ଅଙ୍କ ଦୁଇଟି ଦାନ୍ତ ମଧ୍ୟ ଭାଙ୍ଗି ଯାଇଥିଲା ଏବଂ ଶିରସ୍ତ୍ରାଣରେ ଏକ ପଥର ଆସି ବାଜିଲା ଯଦ୍ଦ୍ଵାରା ଆପଣ ସ.ଅଙ୍କ ଶିରସ୍ତ୍ରାଣରେ ଥିବା ଏକ ଲୁହା କଣ୍ଟା ଫୁଟି ଆପଣ ସ.ଅଙ୍କ ମୁଣ୍ଡରେ ପଶିଗଲା । ଫଳତଃ ଆପଣ ସ.ଅ ଅଚେତ୍ ହୋଇ ତଳେ ପଡ଼ିଗଲେ । ଆପଣ ସ.ଅଙ୍କ ନିକଟରେ ଯେଉଁ ସାହାବାମାନେ ଛିଡ଼ା ହୋଇଥିଲେ ସେମାନଙ୍କର ଶବ ଆପଣ ସ.ଅଙ୍କ ଉପରେ ପଡ଼ିଗଲା । ଆପଣ ସ.ଅଙ୍କ ପବିତ୍ର ଶରୀର ତଳେ ଲୁଚିଗଲା ଏବଂ ମୁସଲମାନମାନଙ୍କ ମଧ୍ୟରେ ଚହଳ ପଡ଼ିଗଲା ଯେ, **ନାଉଜୁବିଲ୍ଲାଃ** ଆଁହଜରତ ସ.ଅ ଶହୀଦ୍ ହୋଇଯାଇଛନ୍ତି । ମୁସଲମାନମାନଙ୍କର ପାଦ ଆରମ୍ଭରୁ ହିଁ ଯୁଦ୍ଧଭୂମିରୁ ଉପୁଡ଼ି ସାରିଥିଲା । ଉକ୍ତ ଖବରଟି ଅବଶିଷ୍ଟ ରହି ଯାଇଥିବା ମୁସଲମାନମାନଙ୍କର ଚେତା ହଜାଇ ଦେଇଥିଲା । କିନ୍ତୁ ଅଲ୍ଲାଃତାଲାଙ୍କ ବିଧି ଏହା ରହିଥିଲା କେ ଯେତେବେଳେ ଅବିଶ୍ଵାସକାରୀମାନଙ୍କ ମଧ୍ୟରେ ଏହି ଖବରଟି ପ୍ରଚାରିତ ହେଲା ଯେ, **ନାଉଜୁବିଲ୍ଲାଃ** ରସୁଲ୍ କରୀମ୍ ସ.ଅ ନିହତ ହୋଇସାରିଛନ୍ତି ସେତେବେଳେ ସେମାନେ ଅତିରିକ୍ତ ଆକ୍ରମଣ କଲେ ନାହିଁ । ବରଂ ଏହା ଉଚିତ୍ ବୋଲି ମନେକଲେ ଯେ, ବର୍ତ୍ତମାନ ଶୀଘ୍ର ମକ୍କା ଫେରିଚାଲ ଏବଂ ସେମାନେ ଲୋକମାନଙ୍କୁ ଏହା ଖବର ଶୁଣାଇଦେଲେ ଯେ, ରସୁଲ୍ କରୀମ୍ ସ.ଅ **ନାଉଜୁବିଲ୍ଲାଃ** ଶହୀଦ୍ ହୋଇଯାଇଛନ୍ତି । **(ତଫ୍‌ସିର୍ କବିର୍, ଭାଗ-10 , ପୃ-341 -340, ସୁରା କୌସର୍‌ର ଆୟତ ସଂଖ୍ୟା-2 ଅନୁଯାୟୀ)**

ରସୁଲ କରୀମ୍ ସ.ଅଙ୍କ ସାହାସିକତା ଏବଂ ଅବିଚଳତା ସଂକ୍ରାନ୍ତରେ ବର୍ଣ୍ଣନାମାନଙ୍କରେ ଏହି ଚର୍ଚ୍ଚା ମିଳେ ଯେ, ମିକ୍‌ଦାଦ୍ ବିନ୍ ଅମ୍ର ଓହୋଦ୍ ଯୁଦ୍ଧ ଦିନର ଚର୍ଚ୍ଚ କରି ବର୍ଣ୍ଣନା କରନ୍ତି ଯେ, ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ! ଅବିଶ୍ଵାସକାରୀମାନେ ମୁସଲମାନମାନଙ୍କୁ ଶହୀଦ୍ କରିଦେଲେ ଏବଂ ସେମାନେ ଆଁହଜରତ ସ.ଅଙ୍କୁ ବହୁତ ଆଘାତ ଦେଇଥିଲେ ଓ ଆହତ କରିଥିଲେ ।

ଶୁଣିନିଅ ! ସେହି ସତ୍ତାଙ୍କର ଶପଥ କରି କହୁଛି ଯିଏ ଆପଣ ସ.ଅଙ୍କୁ ସତ୍ୟର ସହିତ ପ୍ରେରଣ କରିଛନ୍ତି । ରସୁଲୁଲ୍ଲାଃ ସ.ଅ ଚାଖଣ୍ଡେ ପଛକୁ ଘୁଞ୍ଚିଲେ ନାହିଁ । ଆପଣ ସ.ଅ ଶତ୍ରୁ ବିପକ୍ଷରେ ସେହିପରି ଛିଡ଼ା ହୋଇ ରହିଲେ ଏବଂ ଆପଣ ସ.ଅଙ୍କ ସାହାବାମାନଙ୍କର ଏକ ଜମାଅତ୍ ପୁଣିଥରେ ଆପଣ ସ.ଅଙ୍କ ଆଡ଼କୁ ଧାଇଁ ଆସୁଥିଲା ଓ ପୁନଶ୍ଚ ଘମାଘୋଡ଼ ଆକ୍ରମଣ ଦ୍ଵାରା ଆପଣ ସ.ଅଙ୍କ ଠାରୁ ପୃଥକ୍ ହୋଇଯାଉଥିଲା । ଅର୍ଥାତ୍ ଅବିଶ୍ଵାସକାରୀମାନେ ଯେତେବେଳେ ଆକ୍ରମଣ କଲେ ସେତେବେଳେ ସାହାବା ର.ଅ ବିକ୍ଷିପ୍ତ ହୋଇଯାଉଥିଲେ ଏବଂ ପୁନଃ ଫେରି ଆସୁଥିଲେ । ସୁତରାଂ ଆପଣ ସ.ଅ କେତେବେଳେ ଛିଡ଼ା ହୋଇ ନିଜ ତୀରର

## ହଦିସେ ନବଓ୍ଵୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ଵାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ଵତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ଵସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ଖୋଳରୁ ତୀର କାଢି ତୀର ଚାଳନା କରୁଥିଲେ ତ' ଆଉ କେତେବେଳେ ଆପଣ ପଥର ଫିଙ୍ଗୁଥିଲେ । ଏପର୍ଯ୍ୟନ୍ତକି ଆପଣ ସ.ଅ ଅବିଶ୍ୱାସକାରୀମାନଙ୍କୁ ନିଜ ଠାରୁ ଦୂରେଇ ଦେଉଥିଲେ ଓ ରସୁଲୁଲ୍ଲାଃ ସ.ଅଙ୍କ ଏକ ସଂପ୍ରଦାୟ ସହିତ ଅବିଚଳ ରହିଥିଲେ ।

ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅ ନିଜ ସ୍ଥାନରେ ଅବିଚଳ ରହିଲେ । ପାଦେ ମଧ୍ୟ ପଛକୁ ଘୁଞ୍ଚିଲେ ନାହିଁ । ବରଂ ଶତ୍ରୁ ସହିତ ଅହରହ ମୁକିବାଲି ଓ ସଂଘର୍ଷ କରୁଥିଲେ । ଆପଣ ସ.ଅ ଧନୁ ସାହାଯ୍ୟରେ ସେମାନଙ୍କ ଉପରକୁ ତୀର ବର୍ଷଣ କରୁଥିଲେ । ଏପର୍ଯ୍ୟନ୍ତକି ଧନୁର ଡୋର ଛିଡ଼ିଗଲା ଏବଂ ଡୋରର ଗୋଟିଏ ପାର୍ଶ୍ୱ ଆପଣ ସ.ଅଙ୍କ ହସ୍ତରେ ରହିଗଲା । ସେହି ଡୋର ଗୋଟିଏ ଚାଖଣ୍ଡ ଥିଲା । ଉକାଶା ବିନ୍ ମିହ୍‌ସନ୍ ଆପଣ ସ.ଅଙ୍କ ଠାରୁ ଧନୁ ନେଇ ସେଥିରେ ଡୋର ବାନ୍ଧିଦେଲେ । ଅତଏବ୍ ସେ ଆଁହଜରତ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଧନୁର ଡୋର ପାଉ ନାହିଁ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ଡୋରକୁ ଜୋର୍ ସେ ଟାଣ ପାଇଯିବ । ଉକାଶା କହିଲେ, ସେହି ସତ୍ତାଙ୍କର ଶପଥ କରି କହୁଛି ଯିଏ ଆପଣ ସ.ଅଙ୍କୁ ସତ୍ୟର ସହିତ ପ୍ରେରଣ କିରଛନ୍ତି, ମୁଁ ଡୋରକୁ ଯେତେବେଳେ ଟାଣିଲି ସେତେବେଳେ ତାହା ପାଇଗଲା । ଉକାଶାଙ୍କ କହିବାର ତାତ୍ପର୍ଯ୍ୟ ଏହା ଥିଲା କି, ମୁଁ ସେହି କାଠ ଧନୁ ଉପରେ ଦୁଇ ତିନି ଥର ଚାପ ପକାଇଲି କିନ୍ତୁ ତାହା ପାଉ ନଥିଲା କିନ୍ତୁ ଆଁହଜରତ ସ.ଅ ଯେତେବେଳେ ମୋତେ କହିଲେ କି ଉକାଶା ତୁମେ ଡୋରକୁ ଟାଣିକି ବାନ୍ଧ ପାଇଯିବ ଡୋର । ସୁତରାଂ ଏକ ଅପୂର୍ବ ଚମତ୍କାର ହୋଇଗଲା ଏବଂ ଡୋର ଧନୁକୁ ପାଇଗଲା ।

ପୁନଶ୍ଚ ଏତଦ୍‌ପରେ ଆପଣ ସ.ଅ ନିଜର ଧନୁ ଧରି ପକାଇଲେ ଏବଂ ତୀର ବର୍ଷଣ କରି ଚାଲିଲେ । ଅବୁ ତଲ୍‌ହା ଆପଣ ସ.ଅଙ୍କ ସମ୍ମୁଖରେ ଢାଲ ସାଜିଥିଲେ । ଏପର୍ଯ୍ୟନ୍ତକି ଧନୁ ଭାଙ୍ଗି ଖଣ୍ ବିଖଣ୍ଡିତ ହୋଇଗଲା ଏବଂ ତୀର ଶେଷ ହୋଇଗଲା। କିନ୍ତୁ ରସୁଲ୍ କରୀମ୍ ସ.ଅ ପଥର ଫିଙ୍ଗୁଥିଲେ । ସେତେବେଳେ କତାଦା ବିନ୍ ନୁମାନ୍ ଆଁହଜରତ ସ.ଅଙ୍କ ଠାରୁ ଧନୁ ନେଇନେଲେ । ସେହି ଧନୁ ତାଙ୍କ ନିକଟରେ ସର୍ବଦୈବ ରହିଲା ।

ନାଫେ ବିନ୍ ଜୁବୈର୍ ବର୍ଣ୍ଣନା କରନ୍ତି ଯେ, ମୁଁ ପ୍ରବାସକାରୀଙ୍କ ଜଣେ ବ୍ୟକ୍ତିକୁ ଏହା କହୁଥିବାର ଶୁଣିଲି ଯେ, ସେହି ବ୍ୟକ୍ତ କହିଲା, "ମୁ ୱହୋଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲି । ମୁଁ ଅବଲୋକନ କଲି ଯେ, ପ୍ରତ୍ୟେକ ପାର୍ଶ୍ୱରୁ ତୀର ଆସୁଥିଲା ଏବଂ ରସୁଲ୍ କରୀମ୍ ସ.ଅ ସେମାନଙ୍କ ମଝିରେ ଛିଡ଼ା ହୋଇଛନ୍ତି । ସବୁ ତୀର ଆପଣ ସ.ଅଙ୍କ ଠାରୁ ଦୂରେଇ ଯାଉଥିଲା । ମୁଁ ଅବ୍‌ଦୁଲ୍ଲାଃ ବିନ୍ ଶିହାବ୍ ଜୁହ୍‌ରୀଙ୍କୁ ଦେଖିଲି ଯେ, ସେ ସେଦିନ କହୁଥିଲେ ଯେ, ନାଫେ ତୁମେ ମୋତେ ଆଁହଜରତ ସ.ଅଙ୍କ ଆଡ଼କୁ ନେଇଚାଲ । ଆପଣ ସ.ଅ ଯଦି ବଞ୍ଚି ଯାଆନ୍ତି ତେବେ ମୁଁ କିନ୍ତୁ ବଞ୍ଚିବି ନାହିଁ । ରସୁଲ୍ କରୀମ୍ ସ.ଅ ଅବ୍‌ଦୁଲ୍ଲାଃ ବିନ୍ ଶିହାବ୍ ଜୁହ୍‌ରୀଙ୍କ ପାର୍ଶ୍ୱରେ ଥିଲେ । ଆଁହଜରତ ସ.ଅଙ୍କ ସହିତ ସେତେବେଳେ କେହି ନଥିଲା । ଯେତେବେଳେ ଶିହାବ୍ ଜୁହରୀ ଆଗକୁ ବାହାରିଗଲା ସେତେବେଳେ ସଫ୍‌ୱାନ୍ ବିନ୍ ଉମୈୟାହ୍ ଜୁହ୍‌ରୀକୁ ନିନ୍ଦା କଲେ । ଜୁହ୍‌ରୀ କହିଲା ମୁଁ ଅଲ୍ଲାଃତାଲାଙ୍କ ରାଣ ଖାଇ କହୁଛି ମୁଁ ତାଙ୍କୁ ଦେଖି ନାହିଁ। ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୁତରାଂ ଅଲ୍ଲାଃତାଲା ଏହିପରି ଭାବରେ ନିଜ ବାର୍ତ୍ତାବହଙ୍କର ସୁରକ୍ଷା କରୁଥିଲେ । ଜୁହ୍‌ରୀ କହିଲା, ମୁଁ ଅଲ୍ଲାଃତାଲାଙ୍କ ରାଣ ଖାଇ କହୁଛି ଯେ, ମୁହମ୍ମଦ ସ.ଅଙ୍କୁ ଆମ ଠାରୁ ସୁରକ୍ଷିତ କରିନିଆଗଲା । ଆମେମାନେ 4 ଜଣ ଲୋକ ମକ୍କାରୁ ବାହରିଥିଲୁ ଏବଂ ପରସ୍ପର ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ କରିଥିଲୁ କି ଆମେମାନେ ମୁହମ୍ମଦ୍ ସ.ଅଙ୍କୁ ହତ୍ୟା କରିଦେବୁ, **ନାଉଜୁବିଲ୍ଲାଃ** । କିନ୍ତୁ ଆମେମାନେ ତାଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରିଲୁ ନାହିଁ ।

ଇବ୍‌ନେ ସାଆଦ୍ କୁହନ୍ତି ଯେ, ଅବୁ ନମିର୍ କିନାନୀ କହିଲେ, ମୁଁ ଅବିଶ୍ୱାସକାରୀମାନଙ୍କ ସହିତ ୱହୋଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲି । ସେହି ଦିନ ମୁଁ 5ଟି ଲକ୍ଷ୍ୟଭେଦ ସ୍ଥିର କରିଥିଲି ଏବଂ ସେହି ଲକ୍ଷ୍ୟଭେଦ ଉପରେ ତୀର ବର୍ଷଣ କରୁଥିଲି । ମୁଁ ରସୁଲ୍ କରୀମ୍ ସ.ଅଙ୍କ ଆଡ଼କୁ ଦେଖିଲି ଯେ, ଆପଣ ସ.ଅଙ୍କ ସାହାବାମାନେ ଆପଣଙ୍କୁ ଘେରି ରହିଥିଲେ ଓ ତୀର୍ ଆପଣ ସ.ଅଙ୍କ ବାମ ପାର୍ଶ୍ୱରେ ଏବଂ ଦକ୍ଷିଣ ପାର୍ଶ୍ୱରେ ଆସି ପଡୁଥିଲା । କିଛି ତୀର ଆପଣ ସ.ଅଙ୍କ ସମ୍ମୁଖରେ ପଡୁଥିଲା ତ' ଆଉ କିଛି ତୀର୍ ଆପଣ ସ.ଅଙ୍କ ଆଗରେ ଆସି ପଡୁଥିଲା । ସୁତରାଂ ଅଲ୍ଲାଃତାଲା ଇସ୍‌ଲାମ୍ ଧର୍ମ ଆଡ଼କୁ ମୋର ମାର୍ଗଦର୍ଶନ କଲେ ଏବଂ ପରବର୍ତ୍ତୀ ସମୟରେ ମୁଁ ମୁସଲମାନ ହୋଇଗଲି । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଣାଦ୍, ଭାଗ-4, ପୃ-196-197, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତରୁ ଉଦ୍ଧୃତ)**

ଏଥି ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅଙ୍କ ମକ୍କୀୟ ଜୀବନ ବଡ଼ ବିଚିତ୍ରପୂର୍ଣ୍ଣ ଅଟେ । ଆପଣ ସ.ଅଙ୍କ ସାହାସିକତାର ଚର୍ଚ୍ଚା କରି ଆପଣ ସ. କୁହନ୍ତି: "ଗୋଟିଏ ପାର୍ଶ୍ୱରୁ ଦେଖିବାକୁ ଗଲେ ଆପଣ ସ.ଅଙ୍କ ସମଗ୍ର ଜୀବନ ଦୁଃଖ ଓ କଷଣରେ ଅତିବାହିତ ହେଲା । ୱହୋଦ୍ ଯୁଦ୍ଧରେ ଆପଣ ସ.ଅ ଏକୁଟିଆ ଥିଲେ । ଯୁଦ୍ଧ ଭୂମିରେ ରସୁଲୁଲ୍ଲାଃ ସ.ଅଙ୍କ ନିଜ ସଂକ୍ରାନ୍ତରେ ଏହା ପରିପ୍ରକାଶ କରିବା କି ଆପଣ ହିଁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି । ସୁତରାଂ ଏହା ଆପଣ ସ.ଅଙ୍କ ଶୌର୍ଯ୍ୟ, ବୀରତ୍ୱ, ସାହାସିକତା ଏବଂ ଅବିଚଳତାକୁ ଦର୍ଶାଏ ।"

**(ମଲ୍‌ଫୁଜାତ୍, ଭାଗ-2, ପୃ-309, ପ୍ରକାଶନ ବର୍ଷ-1984 ମସିହା)**

ଆପଣ ସ.ଅ ଶତ୍ରୁମାନଙ୍କ ଦ୍ୱାରା ଚତୁର୍ପାର୍ଶ୍ୱରେ ଘେରି ହୋଇଯାଇଥିଲେ। ସେତେବେଳେ ମଧ୍ୟ ଆପଣ ସ.ଅ ଉକ୍ତ କଥା ଲୁଚାଇଲେ ନାହିଁ ଯେ, ଆପଣ ସ.ଅ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ନୁହନ୍ତି । ବରଂ ଅଲ୍ଲାଃତାଲାଙ୍କ ବାର୍ତ୍ତବହ ହେବାର ଘୋଷଣା କରିଦେଲେ । ଲୋକମାନେ ଜାଣିନେଲେ । ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି ଯେ, ଯେପରି ଇହୁଦୀମାନଙ୍କ ଉପରେ ଅଭିଶାପ ପଡ଼ିଥିଲା ଏବଂ ସେମାନେ ତିରସ୍କୃତ ହେଲେ ତଥା ଅଲ୍ଲାଃତାଲାଙ୍କ କୋପ ଏବଂ କ୍ରୋଧର ଶିକାର ହେଲେ । ହେଲେ ଅବତାର, ସାଧୁ ସନ୍ଥ ମାନଙ୍କ କଷ୍ଟ ସେପରି ହୋଇ ନଥାଏ । ବରଂ ଅବତାରମାନେ ବୀରତ୍ୱ ଓ ସାହାସିକତାରେ ଏକ ଅପୂର୍ବ ଉଦାହରଣ ଉପସ୍ଥାପିତ କରିଥାଆନ୍ତି । ଇସ୍‌ଲାମ୍ ଧର୍ମ ସହିତ ଅଲ୍ଲାଃତାଲାଙ୍କ କୌଣସି ଶତ୍ରୁତା ନଥିଲା । କିନ୍ତୁ ଦେଖ ! ୱହୋଦ୍ ଯୁଦ୍ଧରେ ରସୁଲ୍ କରୀମ୍ ସ.ଅ 10,000 ସୈନ୍ୟବାହିନୀ ବିପକ୍ଷରେ ଏକୁଟିଆ ଛିଡ଼ା ହୋଇ କହିଲେ ଯେ, ହେ ଅବିଶ୍ୱାସକାରୀମାନେ ମୁଁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟେ । ସୁତରାଂ ଏହିପରି ଉଦାହରଣ ପ୍ରଦର୍ଶନ କରିବାକୁ କୌଣସି ଅବତାରଙ୍କୁ ସୁଯୋଗ ପ୍ରାପ୍ତ ହୋଇ ନାହିଁ ।

**(ମଲ୍‌ଫୁଜାତ୍, ଭାଗ-2, ପୃ-309, ପ୍ରକାଶନ ବର୍ଷ-1984 ମସିହା)**

ଉକ୍ତ ଖବରର ଉଲ୍ଲେଖକାରୀ ଉଲ୍ଲେଖ କରନ୍ତି ଯେ, ୱହୋଦ୍ ଯୁଦ୍ଧରେ ଅବିଶ୍ୱାସକାରୀଙ୍କ ସଂଖ୍ୟା ତିନି ହଜାର ଥିଲା । ସମ୍ଭବତଃ ଆପଣ ସ.ଅ ଦୁଇଟି ଯୁଦ୍ଧର ଚର୍ଚ୍ଚା କରିଥାଇ ପାରନ୍ତି । ଅହ୍‌ଜାବ୍ ଯୁଦ୍ଧରେ ମଧ୍ୟ 10,000 ସଂଖ୍ୟକ ଅବିଶ୍ୱାସକାରୀ ସୈନ୍ୟମାନେ ଥିଲେ । ଅପରପକ୍ଷେ ଅନ୍ୟାନ୍ୟ ଯୁଦ୍ଧମାନଙ୍କରେ ଶତ୍ରୁମାନଙ୍କର ସଂଖ୍ୟା ଅଧିକ ରହିଥିଲା । ହୁଜୁର ଅନ୍‌ୱର ଅ.ବ କହିଲେ, ସେ ଯାହା ହେଉ ଆପଣ ଅ.ସ (ହ. ମସିହ୍ ମଉଦ୍ ଅ.ସ) ଯେଉଁ ପ୍ରକୃତ ପ୍ରସଙ୍ଗକୁ ପ୍ରମାଣିତ କରିବାକୁ ଚାହୁଁଛନ୍ତି ତାହା ଏହିକି ଯେ, ଆଁହଜରତ ସ.ଅଙ୍କ ଅପୂର୍ବ ସାହାସିକତା, ବୀରତ୍ୱର ଉଦାହରଣ ଏହିପରି ଯେ, ଆପଣ ସ.ଅ ଯେତେବେଳେ ଅବିଶ୍ୱାସକାରୀଙ୍କ ସମ୍ମୁଖରେ ଏକୁଟିଆ ଛିଡ଼ା ହୋଇଗଲେ ସେତେବେଳେ ଆପଣ ସ.ଅ ଏଭଳି ଉଦାହରଣ ପ୍ରଦର୍ଶନ କଲେ ଯେ, ଏପରି ଉଦାହରଣ ଅନ୍ୟ କୌଣସି ଅବତାରଙ୍କୁ ପ୍ରଦର୍ଶନ କରିବା ନିମନ୍ତେ ସୁଯୋଗ ପ୍ରାପ୍ତ ହୋଇ ନାହିଁ ।

ଆପଣ ଅ.ସ ପୁନଶ୍ଚ କୁହନ୍ତି ଯେ, ଈଶ୍ୱର ସର୍ବଶକ୍ତିମାନ ଅଟନ୍ତି । ସେ ଯେଉଁ ବସ୍ତୁରେ ଚାହିଁବେ ସେଥିରେ ଶକ୍ତି ଭରିଦେବେ । ସୁତରାଂ ନିଜର ଦର୍ଶନମୂଳକ ଶକ୍ତି ସେ କଥନରେ ଭରି ଦେଇଛନ୍ତି । ଈଶ୍ୱରଙ୍କ ଉକ୍ତ କଥନମୂଳକ ଶକ୍ତି ଯୋଗୁଁ ଅବତାରମାନେ ନିଜର ପ୍ରାଣ ଉତ୍ସର୍ଗ କରିଦେଇ ଥାଆନ୍ତି । କ'ଣ ଭୌତିକବାଦୀ ପ୍ରେମିକ ଏହପିର ହୋଇପାରିବ କି ? ଉକ୍ତ କଥନମୂଳକ ଐଶୀ ଶକ୍ତି ଯୋଗୁଁ କୌଣସି ଅବତାର ଉକ୍ତ ଆଧ୍ୟାତ୍ମିକ ଭୂମିରେ ପଛଘୁଞ୍ଚା ଦେଇ ନାହିଁ ଓ ନା ହିଁ କୌଣସି ଅବତାର କେବେ ଅବିଶ୍ୱସ୍ତତା ପ୍ରଦର୍ଶନ କରିଛି ।" ଅର୍ଥାତ୍ ଯେତେବେଳେ ଅବତାରମାନେ ଅବତାରତ୍ୱର ଦାବି କରୁଥିଲେ ସେତେବଳେ ସେମାନେ ନିଜ ଅବତାରତ୍ୱ ଦାବିରେ ଅବିଚଳ ରହୁଥିଲେ । ୱହୋଦ୍ ଯୁଦ୍ଧ ସଂପର୍କରେ ଅନେକ ଲୋକମାନେ ନାନ ଅର୍ଥ ଓ ତାତ୍ପର୍ଯ୍ୟ କରିଛନ୍ତି। କିନ୍ତୁ ପ୍ରକୃତ ପ୍ରସଙ୍ଗ ଏହିକି ଯେ, ଈଶ୍ୱରଙ୍କ ଶକ୍ତି ସେତେବେଳେ ପ୍ରତାପ ଏବଂ ଓଜସ୍ୱିନୀମୂଳକ ବିଜୁଳୀ ଥିଲା । ଆଁହଜରତ ସ.ଅଙ୍କ ବ୍ୟତୀତ ଉକ୍ତ ଅପୂର୍ବ ଓଜସ୍ୱୀ ଐଶୀ ଶକ୍ତି ସହ୍ୟ କରିବାର ସାମର୍ଥ୍ୟ ଅନ୍ୟ କୌଣସି ବ୍ୟକ୍ତି କିମ୍ବା ଅବତାର ମଧ୍ୟରେ ନଥିଲା । ସୁତରାଂ ଆପଣ ଅ.ସ ସେହିଠାରେ ଅର୍ଥାତ୍ ଯୁଦ୍ଧ ଭୂମିରେ ହିଁ ଛିଡ଼ା ହୋଇ ରହିଥିଲେ କିନ୍ତୁ ଅନ୍ୟ ସାହାବାମାନେ ଯୁଦ୍ଧ ଭୂମିରେ ତିଷ୍ଠି ପାରିଲେ ନାହିଁ । ଆଁହଜରତ ସ.ଅଙ୍କ ଜୀବନ ସତ୍ୟବାଦୀତା ଓ ପବିତ୍ରତାର ଏକ ଅନନ୍ୟ ଉଦାହରଣ ଥିଲା । ତେଣୁ ଏହି ସତ୍ୟବାଦାତୀ, ସତ୍ୟନିଷ୍ଠତା ଏବଂ ପବିତ୍ରତାର ଦୃଷ୍ଟାନ୍ତ ଆପଣ ସ.ଅଙ୍କ ବ୍ୟତୀତ ଆପଣ ସ.ଅଙ୍କ ଜୀବନରେ କାହାରି

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଠାରେ ଅବଲୋକନ କରାଯାଇ ନାହିଁ । ଠିକ୍ ସେହିପରି ଆଁହଜରତ ସ.ଅଙ୍କୁ ଈଶ୍ୱରଙ୍କ ସହିତ ଏପରି ପ୍ରେମମୂଳକ ସଂପର୍କ ରହିଥିଲା ଯେ, ଈଶ୍ୱରଙ୍କ ସାହାଯ୍ୟ ଓ ସମର୍ଥନର ଦୃଷ୍ଟାନ୍ତ ମଧ୍ୟ ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ । **(ମଲଫୁଜାତ୍, ଭାଗ-5, ପୃ-268, ପ୍ରକାଶନ ବର୍ଷ-2022 ମସିହା)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଯୁଦ୍ଧ ସଂପର୍କିତ ଅବଶିଷ୍ଟାଂଶ ଚର୍ଚ୍ଚା ମୁଁ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ ଜଣେ ନିଃସ୍ୱାର୍ଥପର ସେବକ ତଥା ମୁବଲ୍ଲିଗ୍ ସିଲ୍‌ସିଲାଙ୍କର ଚର୍ଚ୍ଚା କରିବି । ସେହି ପ୍ରାଣୋତ୍ସର୍ଗୀ ସେବକ ହେଲେ ସମ୍ମାନନୀୟ ସ୍ୱର୍ଗତ ଡାକ୍ତର ମୁହମ୍ମଦ ଜଲାଲ୍ ଶମସ୍ ସାହେବ । ତାଙ୍କର ନମାଜ ଯନାଜାଃ ତ' ମୁଁ କାଲି ପାଠ କରିଦେଇଥିଲି । କିନ୍ତୁ ମୁଁ ଚାହୁଁଥିଲି ଯେ, ତାଙ୍କର ଚର୍ଚ୍ଚା ନମାଜ ଜୁମାରେ ହେଉ । ସ୍ୱର୍ଗତ ଡାକ୍ତର ମୁହମ୍ମଦ୍ ଜଲାଲ୍ ଶମ୍‌ଶ୍ ସାହେବ ଜଣେ ସୁଦକ୍ଷ, ଯୋଗ୍ୟ ଓ ସରଳ ଏବଂ ବିଶ୍ୱସ୍ତ ଉତ୍ସର୍ଗୀକୃତ ଜୀବନ ବ୍ୟକ୍ତି ଥିଲେ । ବିଗତ ଦିନରେ 79 ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ। ସ୍ୱର୍ଗତ ଡାକ୍ତର ଜଲାଲ୍ ସାହେବ 1969 ମସିହାରେ ଯାମିଆ ଅହେମଦିୟାରୁ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିଥିଲେ । ଯାମିଆରୁ ଉତ୍ତୀର୍ଣ୍ଣ ହେବା ପରେ କିଛି କାଳ ପାକିସ୍ତାନର ବିଭିନ୍ନ ସ୍ଥାନରେ ସେ କାର୍ଯ୍ୟ କରିଥିଲେ । ପୁନଶ୍ଚ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ଆଦେଶ କ୍ରମେ ତୁର୍କୀ ଭାଷା ଶିକ୍ଷା କରିବା ନିମନ୍ତେ ପାକିସ୍ତାନର ରାଜଧାନୀ ଇସ୍‌ଲାମାବାଦ୍ ତାଙ୍କୁ ପ୍ରେରଣ କରାଯାଇଥିଲା । ତୁର୍କୀ ଭାଷାରେ ଉଚ୍ଚ ଶିକ୍ଷା ନିମନ୍ତେ 1974 ମସିହାରେ ତାଙ୍କୁ ତୁର୍କୀ ପ୍ରେରଣ କରିଦିଆଗଲା । ସେଠାରେ ଆପଣ ତୁର୍କୀ ଭାଷାରେ ପି.ଏଚ୍.ଡ଼ି (ଗବେଷଣାତ୍ମକ ନିବନ୍ଧ)ରେ ଭଲ ନମ୍ବର ପ୍ରାପ୍ତ କେଲେ ଏବଂ ପୁନଶ୍ଚ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଆଦେଶମତେ ୟୁ.କେ (U.K) ଚାଲି ଆସିଲେ । ଏଠାରେ ଆପଣଙ୍କୁ ବ୍ରିଟେନ୍ ଓ ଜର୍ମାନୀ ଭାଷାରେ ମୁବଲ୍ଲିଗ୍ ସ୍ୱରୂପ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା। ଅତଏବ୍ ଆପଣଙ୍କୁ ଚିହ୍ନିଥିବା ବିଭିନ୍ନ ଲୋକମାନେ ମୋତେ ପତ୍ର ଲେଖିଛନ୍ତି । ଅର୍ଥାତ୍ ପତ୍ର ତୁର୍କୀରୁ ଆସିଛି ଏବଂ ଜର୍ମାନୀରୁ ମଧ୍ୟ ଆସିଛି ଓ ୟୁ.କେରୁ ମଧ୍ୟ ଆସିଛି । ସ୍ୱର୍ଗତ ଜଲାଲ୍ ସାହେବଙ୍କ ବ୍ୟକ୍ତିତ୍ୱର ପରିଧି ଅତ୍ୟନ୍ତ ବ୍ୟାପକ ଥିଲା। ଆପଣ ଅନେକ ଲୋକଙ୍କ ସହିତ ମିଳାମିଶା କରୁଥିଲେ । ଅନେକ ଲୋକମାନେ ସ୍ୱର୍ଗତ ଜଲାଲ୍ ସାହେବଙ୍କୁ ଚିହ୍ନିଥିଲେ ଓ ସ୍ୱର୍ଗତ ଜଲାଲ୍ ସାହେବ ମଧ୍ୟ ସେମନଙ୍କୁ ଚିହ୍ନିଥିଲେ । ସେ ଯାହା ହେଉ ଏତଦ୍‌ପରେ ବ୍ରିଟେନ୍‌ରେ ତାଙ୍କୁ ତୁର୍କୀ ଭାଷାର ଇନ୍‌ଚାର୍ଜ ଡେସ୍କ୍ ଭାବରେ ନିଯୁକ୍ତ କରାଗଲା । ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସ୍ୱର୍ଗତ ଜଲାଲ୍ ସାହେବ ଉକ୍ତ ପଦବୀରେ ଆସୀନ ରହି ଅତ୍ୟନ୍ତ ନିଷ୍ଠା, ପରିଶ୍ରମ ସହକାରେ ନିଜର ସେବାକୁ ସମ୍ପାଦନ କରିଥିଲେ । ଆପଣ ଅତ୍ୟନ୍ତ ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ଓ ଚତୁର ବ୍ୟକ୍ତି ଥିଲେ । ଏହି ବୁଦ୍ଧି ଏବଂ ଚତୁରତା ଅଲ୍ଲାଃତାଲା ସ୍ୱର୍ଗତ ଜଲାଲ୍ ସାହେବଙ୍କୁ ପ୍ରଦାନ କରିଥିଲେ । ତୁର୍କୀ ରହି ଆପଣ ଯେତେବେଳେ ତୁର୍କୀ ଭାଷାରେ ଡିଗ୍ରୀ ପ୍ରାପ୍ତ କଲେ ସେତେବେଳେ ଇସ୍ତାନ୍‌ବୁଲ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆପଣଙ୍କୁ ଅଧ୍ୟାପକର ଚାକିରୀ ଅଫର ଆସିଥିଲା । ଉକ୍ତ ଅଧ୍ୟାପକ ଚାକିରୀଟି ଭଲ ଚାକିରୀ ଥିଲା ଏବଂ ଅସାଧାରଣ ଦରମା ମଧ୍ୟ ରହିଥିଲା । ଯେତେବେଳେ ଆପଣ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଠାରୁ ଏଥି ସଂକ୍ରାନ୍ତରେ ମାର୍ଗଦର୍ଶନ ଲୋଡ଼ିଲେ ସେତେବେଳେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ତାଙ୍କୁ ଏହା କହିଲେ ନାହିଁ ଯେ, ତୁମେ ଚାକିରୀ କରିନିଅ ଅବା ନକର । ବରଂ ଆପଣ ର.ଅ କହିଲେ, ଶ୍ରୀମାନ୍ ଜଲାଲ୍ ସାହେବ ! ଆପଣ ଦୁଆର ସହିତ ନିଷ୍ପତ୍ତି ନିଅନ୍ତୁ ଓ ଭଲ ଭାବରେ ଭାବି ଚିନ୍ତି ନିଷ୍ପତ୍ତି ନିଅନ୍ତୁ ଯେ, ଆପଣ କ'ଣ ଚାହୁଁଛନ୍ତି ? ସେତେବେଳେ ଆପଣ ଅର୍ଥାତ୍ ସ୍ୱର୍ଗତ ମୁହମ୍ମଦ ଜଲାଲ୍ ସାହେବ ଦୁଆ କଲେ ଓ ଅଲ୍ଲାଃତାଲାଙ୍କ ନିକଟରେ ନିଜର ୱକ୍‌ଫ୍ (ଉତ୍ସର୍ଗୀକୃତତା) କୁ ପ୍ରାଧାନ୍ୟ ଦେଲେ । ଆପଣ ଚାକିରୀକୁ ପ୍ରତ୍ୟାଖ୍ୟାନ କରିଦେଲେ । 2002 ମସିହାରେ ତୁର୍କୀର ଗସ୍ତ ସମୟରେ ତୁର୍କୀରେ ତାଙ୍କୁ ଦୁଇ ସାଥିଙ୍କ ସମତେ ଇସ୍‌ଲାମ୍ ଅହେମଦିୟତ୍‌ର ତବ୍‌ଲିଗ୍ (ପ୍ରଚାର) କରିବାର ଅପରାଧରେ ବନ୍ଦୀ କରିନିଆଗଲା ଏବଂ ସାଢେ 4 ବର୍ଷ ପର୍ଯ୍ୟନ୍ତ ଆପଣଙ୍କୁ କାରାବରଣ ଦଣ୍ଡ ଭୋଗିବାର ସୌଭାଗ୍ୟ ଅର୍ଜନ ହୋଇଥିଲା ।

ଆପଣଙ୍କ ପ୍ରମୁଖ କୃତିତ୍ୱ ମଧ୍ୟରେ ନିଜର ସାଥିମାନଙ୍କ ସହିତ ପବିତ୍ର କୁରଆନ୍ କରୀମ୍‌ର ତୁର୍କୀ ଭାଷାରେ ଅନୁବାଦ ମଧ୍ୟ ଅନ୍ୟତମ କୃତି ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ। ଏତଦ୍‌ଭିନ୍ନ ହ. ମସିହ୍ ମଉଦ୍ ଅ.ସଙ୍କ 12ରୁ ଊର୍ଦ୍ଧ୍ୱ ପୁସ୍ତକର ଅନୁବାଦ କରିବା, ଅନ୍ୟାନ୍ୟା ଅନେକ ପ୍ରଚାରିକ ପାମ୍ଫ୍ଲେଟସ, ଟ୍ରାକ୍ଟ୍ ଓ ପୁସ୍ତକ ଇତ୍ୟାଦି ତୁର୍କୀ ଭାଷାରେ ଲେଖିବା ଏବଂ ପ୍ରକାଶିତ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ଆପଣ ଜଣେ ଜ୍ଞାନୀ ଓ ଶୈକ୍ଷିକ ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ପୁସ୍ତକ ଅଧ୍ୟୟନ କରିବାର ତାଙ୍କୁ ଗଭୀର ଅଭିରୁଚି ରହିଥିଲା । ହ. ମସିହ୍ ମଉଦ୍ ଅ.ସ ଓ ଖଲିଫାମାନଙ୍କର ପୁସ୍ତକ, ଉଦ୍‌ବୋଧନର ଅତ୍ୟନ୍ତ ସୂକ୍ଷ୍ମ ଦୃଷ୍ଟିର ସହିତ ଅଧ୍ୟୟନ କରିବାର ପ୍ରବଳ ସ୍ପୃହା ରହିଥିଲା । ପୁସ୍ତକ ଉପରେ ହିଁ ଆପଣ ନୋଟ୍‌ସ୍ ଲେଖି ଦେଉଥିଲେ । ଜମାତୀୟ ପୁସ୍ତକ ବ୍ୟତୀତ ଅଣଜମାଅତୀୟ ଜ୍ଞାନକୌଶଳ ଭିତ୍ତିକ ପୁସ୍ତକ ପାଠ କରିବାର ଅଭିରୁଚି ରହିଥିଲା । ଜଣେ ମର୍ମଜ୍ଞ ବିଦ୍ୱାନ୍ ଥିଲେ । ବନ୍ଧୁ ପ୍ରିୟଜନମାନଙ୍କ ସହିତ ମଧ୍ୟ ଯେତେବେଳେ ଶୈକ୍ଷିକ କଥୋପକଥନ କରୁଥିଲେ ସେତେବେଳେ ଆପଣ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ବିନ୍ଦୁଗୁଡ଼ିକୁ ବର୍ଣ୍ଣନା କରୁଥିଲେ । ଯେଉଁଠି ବି ଆପଣଙ୍କୁ କଷ୍ଟ ହେଉଥିଲା କିମ୍ବା ଯେତେବେଳେ ବି ସେ କୌଣସି ସ୍ଥାନରେ ବୁଝିପାରୁ ନଥିଲେ ସେତେବେଳେ ଆପଣ ଅହଂ ସର୍ବସ୍ୱ ଓ ଅମ୍ବଡ଼ିମା ପ୍ରଦର୍ଶନ ନକରି ବିନୀତତାର ସହିତ କନିଷ୍ଠ ମୁବଲ୍ଲିଗ୍‌ମାନଙ୍କ ଠାରୁ ମାର୍ଗଦର୍ଶନ ଲୋଡୁଥିଲେ । ଭାଷା ଶିକ୍ଷା ପ୍ରାପ୍ତ କରିବାର ଦକ୍ଷତା ଆପଣଙ୍କର ଈଶ୍ୱରଦତ୍ତ ଥିଲା । ଭାଷା ଶିକ୍ଷା ପ୍ରାପ୍ତ କରିବାରେ ଆପଣ ସିଦ୍ଧହସ୍ତ ବ୍ୟକ୍ତି ଥିଲେ । ଉର୍ଦ୍ଦୁ, ପଞ୍ଜାବୀ ତାଙ୍କର ମାତୃଭାଷା ଥିଲା ସତ କିନ୍ତୁ ଏତଦ୍‌ଭିନ୍ନ ତୁର୍କୀ ଭାଷାରେ ଆପଣ ପି.ଏଚ୍.ଡ଼ି କରିଥିଲେ ଏବଂ ଅସାଧାରଣ ଅଭିଜ୍ଞତା ରହିଥିଲା ଓ ଜଣେ ପ୍ରତିଭାବାନ ବ୍ୟକ୍ତି ଥିଲେ । ସେହିପରି ଇଂରାଜୀ, ଆରବୀ, ଜର୍ମାନ୍, ପାର୍ସି ଭାଷା ଆପଣ କେବଳ କହିପାରୁ ଥିଲେ ତାହା ନୁହେଁ ବରଂ କେତେକ ସ୍ଥଳେ ସ୍ୱର୍ଗତ ମୁହମ୍ମଦ୍ ଜଲାଲ୍ ସାହେବ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ସଭାରେ ଅରବୀ ଭାଷା ଜାଣିଲାବାଲା କେହି ବିଦ୍ୱାନ୍ ବ୍ୟକ୍ତି ଉପସ୍ଥିତ ରହୁ ନଥିଲା ସେତେବେଳେ ଆପଣ ଆରବୀ ଭାଷାରେ ଅନୁବାଦ ମଧ୍ୟ କରିଛନ୍ତି। ସରାଇକି ଭାଷା ମଧ୍ୟ ଆପଣ କହିପାରୁଥିଲେ । ଖୁତ୍‌ବା ଆରମ୍ଭ ହେବା ପରେ ସେ ତୁରନ୍ତ ଖୁତ୍‌ବାର ଅନୁବାଦ କରୁଥିଲେ ଏବଂ ତୁର୍କୀ ଭାଷା ଜାଣିଥିବା ଯେଉଁ ଲୋକମାନେ ରହିଥିଲେ ସେମାନେ ଆପଣଙ୍କର Vocabulary (ଶବ୍ଦ ଭଣ୍ଡାର ଏବଂ ଶବ୍ଦଜ୍ଞାନ)ର ଉଚ୍ଚ ପ୍ରଶଂସା କରିଥିଲେ । ଆପଣଙ୍କର ଭାଷଣ ଓ ଲେଖନୀ ଶୈଳୀ ମଧ୍ୟ ଅତ୍ୟୁତ୍ତମ ଚମତ୍କାରପୂର୍ଣ୍ଣ ଥିଲା ।

ହୁଜୁର ଅନ୍ୱର୍ ଅ.ବ କହିଲେ. ସେ ଯାହା ହେଉ ସ୍ୱର୍ଗତ ମୁହମ୍ମଦ୍ ଜଲାଲ୍ ସାହେବ ଅସଂଖ୍ୟ ଗୁଣାବଳୀର ଅଧିକାରୀ ଥିଲେ । ଅଲ୍ଲାଃତାଲାଙ୍କ ଅଧିକାର ସହିତ ଭକ୍ତମାନଙ୍କର ଅଧିକାର ତଥା କର୍ତ୍ତବ୍ୟ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ସମ୍ପାଦନ କରୁଥିଲେ । ସଂପର୍କୀୟ ହୁଅନ୍ତୁ ଅବା ଅଣସଂପର୍କୀୟ ହୁଅନ୍ତୁ ସମସ୍ତଙ୍କ ପ୍ରତି ପ୍ରେମଭାବ ପ୍ରଦର୍ଶନ କରୁଥିଲେ । ଅନେକ ଲୋକମାନେ ମୋତେ ପତ୍ର ଲେଖିଛନ୍ତି ଯେ, ଆପଣ ଜଣେ ସହାନୁଭୂତି ପ୍ରଦର୍ଶନକାରୀ ଓ ନିରାଡମ୍ବର ବ୍ୟକ୍ତି ଥିଲେ। ସାକ୍ଷାତ୍ କରିବା ପରେ ସେ ଅଲିଭା ପଦାଙ୍କ ସ୍ମୃତି ଚିହ୍ନ ଛାଡ଼ି ଯାଉଥିଲେ । ଅଲ୍ଲାଃତାଲାଙ୍କ ଉପରେ ତାଙ୍କର ଅଗାଧ ବିଶ୍ୱାସ ରହିଥିଲା । ଅଭାବି, ଦୀନ୍ ଦରିଦ୍ର ବ୍ୟକ୍ତିଙ୍କୁ ନିରବତରା ସହିତ ସାହାଯ୍ୟ କରୁଥିଲେ । ଖିଲାଫତ୍‌କୁ ଆପଣ ବହୁତ ଭଲ ପାଉଥିଲେ ଏବଂ ଖିଲାଫତ୍ ସହିତ ଆପଣଙ୍କର ଆନ୍ତରୀକତାପୂର୍ଣ୍ଣ ସଂପର୍କ ଥିଲା। ସତ୍ୟ ସ୍ୱପ୍ନ ଦର୍ଶନକାରୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସର୍ବାଧିକ ଈଶ୍ୱର ଚର୍ଚ୍ଚା କରୁଥିଲେ । ହୁଜୁର ଅନ୍ୱର୍ ଅ .ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ସ୍ୱର୍ଗତଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । ସ୍ୱର୍ଗତଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସ୍ୱର୍ଗତଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଅନ୍ୟ ଯେଉଁ ଯନାଜାଃମାନଙ୍କର ମୁଁ ଚର୍ଚ୍ଚା କରିବି। ସେହି ଯନାଜାଃ ଗାଏବ୍ ଗୁଡ଼ିକର ସଂଖ୍ୟା ହେଉଛି 3 । ସେହି ତିନୋଟି ଯନାଜାଃ ଗାଏବ୍ ମଧ୍ୟରୁ ପ୍ରଥମ ଯନାଜାଃ ହେଲା ମୁହମ୍ମଦ୍ ଇବ୍ରାହିମ୍ ଭାମ୍‌ବଡ଼ୀ ସାହେବଙ୍କର। ବିଗତ ଦିନରେ 106 ବର୍ଷ ବୟସରେ ତାଙ୍କର ନିଧନ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । କାଗାଜ ପତ୍ରରେ ତାଙ୍କର ବୟସ 106 ବର୍ଷ ବୋଲି ପ୍ରମାଣିତ ହୁଏ । କେତେକ ସ୍ଥାନରେ 106 ପରିବର୍ତ୍ତେ 109 ବର୍ଷ ବୋଲି ପ୍ରମାଣିତ ହୁଏ । ଅଲ୍ଲାଃତାଲାଙ୍କ କୃପାରୁ ଇବ୍ରାହିମ୍ ସାହେବ ଓସିୟତ୍ କରିଥିଲେ ଏବଂ ଆପଣଙ୍କ ବଂଶରେ ଅହେମଦିୟତ୍ ତାଙ୍କର ପିତା ଚୌଧୁରୀ ଅବ୍‌ଦୁଲ୍ କରୀମ୍ ସାହେବଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ଚୌଧୁରୀ ଅବ୍‌ଦୁଲ୍ କରୀମ୍ ସାହେବଙ୍କୁ -1918 1919 ମସିହାରେ ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଇବ୍ରାହୀମ୍ ଭାମ୍‌ବଡ଼ୀ ସାହେବ ନିଜର ପିତାଶ୍ରୀଙ୍କ ବୈଅତ୍‌ର ଚର୍ଚ୍ଚା କରି ଉଲ୍ଲେଖ କରନ୍ତି ଯେ, ଅଲ୍ଲାଃତାଲାଙ୍କ କୃପାରୁ ଆମ ବଂଶରେ ଅହେମଦିୟତ୍ ମୋର ପିତାଶ୍ରୀଙ୍କ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ମାଧ୍ୟମରେ ଆସିଥିଲା । ମୋର ପିତାଶ୍ରୀ ପ୍ରଥମେ ଏହ୍‌ଲେ ହଦିସ୍ ମତାବଲମ୍ବୀ ଥିଲେ । 1918 ମସିହାରେ ତାଙ୍କର ଦୃଷ୍ଟି ଅତ୍ୟନ୍ତ କ୍ଷୀଣ ହୋଇଯାଇଥିଲା । ତାଙ୍କୁ ଅନ୍ଧାରକଣା ରୋଗ ହୋଇଗଲା । ଚିକିତ୍ସା ନିମନ୍ତେ କାଦିଆନ୍ ସ୍ଥିତ ନୁର୍ ହସ୍ପିଟାଲ୍ ଆସିଲେ । ମୋ ପିତାଶ୍ରୀ ଜଣେ ପ୍ରଖ୍ୟାତ ବ୍ୟକ୍ତି ଅଟନ୍ତି । ଲୋକମାନଙ୍କୁ ଯେତେବେଳେ ଜ୍ଞାତ ହେଲା ଯେ, ଚୌଧୁରୀ ଅବ୍‌ଦୁଲ୍ କରୀମ୍ ସାହେବ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି ସେତେବେଳେ ରୋଗୀ ସେବା ଶୁଶ୍ରୂଷା କରିବା ନିମନ୍ତେ ମଧ୍ୟ ଲୋକମାନେ  ଆସିବାକୁ ଲାଗିଲେ । ମାଷ୍ଟର ଅବ୍‌ଦୁର୍ ରହେମାନ ସାହେବ ମେହେର୍ ସିଂ ଓ ଅନ୍ୟାନ୍ୟ ଗଣମାନ୍ୟ ବରିଷ୍ଠ ଲୋକମାନେ ମଧ୍ୟ ଚୌଧୁରୀ ଅବ୍‌ଦୁଲ୍ କରୀମ୍ ସାହେବଙ୍କୁ ଦେଖିବା ନିମନ୍ତେ ଏବଂ ତାଙ୍କର ସେବା ଶୁଶ୍ରୂଷା ମଧ୍ୟ କରୁଥିଲେ । ସେ ସେହି ଅତିଥିମାନଙ୍କର ଆତିଥ୍ୟତା କରି ସେମାନଙ୍କୁ ତବ୍‌ଲିଗ୍ କରିବା ମଧ୍ୟ ଆରମ୍ଭ କରିଦେଲେ । ସୁତରାଂ ଭାମ୍‌ବଡ଼ୀ ସାହେବ ଉଲ୍ଲେଖ କରନ୍ତି ଯେ, ପିତାଶ୍ରୀଙ୍କ ମସ୍ତିଷ୍କରେ ଭଲ ଭାବରେ ଉକ୍ତ ସମସ୍ୟାର ସମାଧାନ ହୋଇଗଲା ଯେ, ହ. ଇସା ଅ.ସ ମୃତ୍ୟୁବରଣ କରି ସାରିଛନ୍ତି ଏବଂ ତାଙ୍କ ହୃଦୟରେ ଉକ୍ତ କଥା ଆସନ୍ନିତ ହୋଇଗଲା ଯେ, ହ. ଇସା ଅ.ସ ଆଉ ଜୀବିତ ନାହାନ୍ତି । ବରଂ ସେ ମୃତ ଅଟନ୍ତି । ତାଙ୍କର ହୃଦୟ ଯେତେବେଳେ ଉକ୍ତ କଥାକୁ ବିଶ୍ୱାସ କରିନେଲା ଯେ, ହ. ମସିହ୍ ମଉଦ୍ ଅ.ସ ସତ୍ୟ ଅଟନ୍ତି । କାରଣ ଯେତେବେଳେ ହ. ଇସା ଅ.ସ ମୃତ୍ୟୁବରଣ କଲେ ସେତେବେଳେ ପ୍ରତିଶୃତ ମସିହ୍‌ଙ୍କ ଆବଶ୍ୟକତା ଉକ୍ତ ସଂସାରକୁ ଥିଲା । ତେଣୁ ସାଂପ୍ରତିକ ଯୁଗ ହିଁ ସେହି ପ୍ରତିଶୃତ ମସିହ୍‌ଙ୍କ ଆଗମନର ଯୁଗ । ତେଣୁ ସେହି ପ୍ରତିଶୃତ ମସିହ୍ ଯଦି ଏବେ ଆସିବେନି ତ' ଆଉ କେବେ ଆସିବେ ? ତେଣୁ କାଦିଆନ୍‌ରେ ସେ ନିଜର ରୋଗାବସ୍ଥା ସମୟରେ ହିଁ ବୈଅତ୍ କରିନେଲେ। ଯେତେବେଳେ ସେ ନିଜର ଗ୍ରାମ ଭାମ୍‌ବଡ଼ୀକୁ ଆସିଲେ ଓ ଲୋକମାନଙ୍କୁ ଜ୍ଞାତ ହେଲା ଆପଣ ଅହେମଦିୟତ୍ ସ୍ୱୀକାର କରିନେଇଛନ୍ତି ସେତେବେଳେ ଲୋକମାନେ ତାଙ୍କ ନିକଟକୁ ଆସି ଦୁଃଖ ପ୍ରକାଶ କରି କହିଲେ, ମୌଲବୀ ସାହେବ ! ଆପଣ ଅହେମଦିୟତ୍ କାହିଁକି ସ୍ୱୀକାର କଲେ ? ସେହି ଲୋକମାନେ କହିବାକୁ ଲାଗିଲେ, ଓ ମିଆଁ ଅବଦୁଲ୍ କରୀମ୍ ସାହେବ ! ଆମମାନଙ୍କୁ ଯଦି ଏହା ଜ୍ଞାତ ହୋଇଥାଆନ୍ତା ଯେ, ଆପଣ କାଦିଆନ୍ ଯାଇ ମିର୍ଜାଇ ହୋଇଯିବେ ତେବେ ଆପଣ ଅନ୍ଧ ହୋଇ ରହିଥାଆନ୍ତୁ ପଛେ ଆମେମାନେ ଆପଣଙ୍କୁ କାଦିଆନ୍ କେବେ ଯିବାକୁ ଅନୁମତି ଦେଇ ନଥାଆନ୍ତୁ । ସୁତରାଂ ତାଙ୍କର ପିତାଶ୍ରୀ ଏହାର ଉତ୍ତର ପ୍ରଦାନ କରିଥିଲେ ଯେ, ମୋର ଶାରୀରୀକ ଦୃଷ୍ଟି ସହିତ ମୋର ଆଧ୍ୟାତ୍ମିକ ଦୃଷ୍ଟି ଶକ୍ତି ମଧ୍ୟ ପ୍ରଖର ହୋଇଯାଇଛି । ଅତଃ ଆଧ୍ୟାତ୍ମିକ ଜ୍ୟୋତି ବା ଦୃଷ୍ଟି ଶକ୍ତି ଶାରୀରୀକ ଦୃଷ୍ଟି ଶକ୍ତି ଅପେକ୍ଷା ସର୍ବାଧିକ ରୂପେ ଆବଶ୍ୟକ ଅଟେ । ମୁଁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କେମିତି କରିବି ଯେ, ମୋତେ ସତମାର୍ଗରେ ପରିଚାଳିତ କରାଇଲେ ଏବଂ ମୁଁ ସ୍ପଷ୍ଟ ଭାବରେ ଏହି କହିପାରିବି ଯେ, ହ. ମସିହ୍ ମଉଦ୍ ଅ.ସ ହିଁ ସତ୍ୟବାଦୀ ଅବତାର ଅଟନ୍ତି । ସେ ଯାହା ହେଉ ଗ୍ରାମବାସୀଙ୍କ ମନରେ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରତି ଏତେ ବିଦ୍ୱେଷ ଭରି ରହିଥିଲା, ମୌଲବୀମାନେ ଏତେ ବିଷ ହୃଦୟ ଓ ମସ୍ତିଷ୍କରେ ଭର୍ତ୍ତି ତଥା ସୃଷ୍ଟି କରି ଦେଇଥିଲେ ଯେ, ସେମାନେ ଉକ୍ତ କଥା କହୁଥିଲେ ଯେ, ମୌଲବୀ ସାହେବ ! ଯଦି ଆପଣ ମେହ୍‌ଦୀ ହେବାର ଦାବି କରନ୍ତି ତେବେ ଆମେମାନେ ଆପଣଙ୍କୁ  ମେହ୍‌ଦୀ ରୂପେ ସ୍ୱୀକାର କରିନେବୁ । କିନ୍ତୁ ଆମେମାନେ ମିର୍ଜା ଗୁଲାମ୍ ଅହେମଦ କାଦିଆନୀକୁ ସ୍ୱୀକାର କରିବୁ ନାହିଁ । ପ୍ରତ୍ୟୁତ୍ତରରେ ତାଙ୍କର ପିତାଶ୍ରୀ କହୁଥିଲେ ଯେ, ତୁମେମାନେ ମୋତେ ହିଁ ଦେଖିନିଅ ଯେ, ମୁଁ ହେଉଛି ସେହି ସତ୍ୟ ନିଦର୍ଶନ । ମୁଁ ହ. ମିର୍ଜା ଗୁଲାମ୍ ଅହେମଦଙ୍କୁ ସ୍ୱୀକାର କରିନେଇଛି ଓ ଆପଣଙ୍କୁ ସତ୍ୟ ବୋଲି ସ୍ୱୀକାର କରିଛି । ତେଣୁ ତୁମେମାନେ ମଧ୍ୟ ତାଙ୍କୁ ସ୍ୱୀକାର କରିନିଅ ।

ସେ ଯାହା ହେଉ ନା କାହିଁକି ତାଙ୍କର ପିତାଶ୍ରୀ ଭାମ୍‌ବଡ଼ୀ ସାହେବଙ୍କୁ ଓ ଭାମ୍‌ବଡ଼ୀ ସାହେବଙ୍କ ସାନ ଭାଇଙ୍କୁ 1926 ମସିହାରେ ମାଦ୍ରାସା ଅହେମଦିୟା କାଦିଆନ୍‌ରେ ପ୍ରବେଶ ଗ୍ରହଣ କରାଇଥିଲେ (ନାଁ ଲେଖାଇଥିଲେ) ଏବଂ ଦୈନିକ ପାଞ୍ଚ ମାଇଲ୍ ଯାତ୍ରା କରି ଏହି ଦୁଇ ଭାଇ ବିଦ୍ୟାଳୟକୁ ପାଠ ପଢିବା ନିମନ୍ତେ ଆସୁଥିଲେ । ତାଙ୍କର ପିତାଶ୍ରୀଙ୍କ ଯେତେବେଳେ 1931 ମସିହାରେ ବିୟୋଗ ହେଲା ସେତେବେଳେ ଉଭୟ ଭାଇମାନେ ମାତାଶ୍ରୀଙ୍କୁ କହିଲେ, ମାତା ! ଆପଣ ଆମମାନଙ୍କୁ (ଇବ୍ରାହୀମ୍ ଭାମ୍‌ବଡ଼ୀ ଓ ତାଙ୍କର କନିଷ୍ଠ ଭ୍ରାତାଙ୍କୁ) କାଦିଆନକୁ ପଠାନ୍ତୁ ନାହିଁ । କାରଣ ବାଟ ବହୁତ ଦୂର ହୋଇଯାଉଛି । ଆମକୁ ବହୁତ ଦୂରକୁ ଯିବାକୁ ପଡୁଛି । ଏଇଠି ନିକଟବର୍ତ୍ତୀ ବିଦ୍ୟାଳୟରେ ନାଁ ଲେଖାଇ ଦିଅନ୍ତୁ । କିନ୍ତୁ ମାତାଶ୍ରୀ ଏହି ଉତ୍ତର ଦେଲେ ଯେ, ହେ ମୋର ପ୍ରିୟ ପୁତ୍ରମାନେ ! ମୁଁ ଏପରି କରିପାରିବି ନାହିଁ । ତୁମମାନଙ୍କର ପିତାଶ୍ରୀ ମହୋଦୟ ତୁମମାନଙ୍କର ନାଁ ଯେଉଁ ମାଦ୍ରାସାରେ ଲେଖାଇଛନ୍ତି ତୁମେମାନେ ବର୍ତ୍ତମାନ ସେହି ମାଦ୍ରାସାରେ ହିଁ ପାଠ ପଢିବ । ସୁତରାଂ ଏହିପରି ଭାବରେ ଆମେମାନେ କାଦିଆନ୍‌କୁ ପାଠ ପଢିବା ପାଇଁ ଯାଉଥିଲୁ । ପୁନଶ୍ଚ କାଦିଆନ୍ ମାଦ୍ରାସାରୁ ସପ୍ତମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଯାମିଆ ଅହେମଦିୟାରେ ଶିକ୍ଷାର୍ଜନ କଲୁ । ସେତେବେଳେ ସପ୍ତମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଯାମିଆ ଅହେମଦିୟାରେ ନାମ ଲେଖା ଯାଉଥିଲା । ପୁନଶ୍ଚ 1941 ମସିହାରେ ବ୍ୟକ୍ତିଗତ ଭାବରେ ମ୍ୟାଟ୍ରିକ୍ ପରୀକ୍ଷା ପାସ୍ କଲେ । 1939 ମସିହାରେ ମୌଲବୀ ଫାଜିଲ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲ । ସେମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ କସିଦା ମୁହେଁ ମୁହେଁ ସଂପୂର୍ଣ୍ଣ ରୂପେ ମନେଥିଲା । କଲାମେ ମେହ୍‌ମୁଦ୍ ଓ ଦୁର୍‌ରେ ସମିନ୍‌ର ଅନେକ ନଜମ୍ (କବିତା) ତାଙ୍କୁ ମନେଥିଲା । ସେହିପରି ଅନେକ ଆଲେଖ୍ୟ ତାଙ୍କୁ ମନେଥିଲା । ସେ ଶୀଘ୍ର ଏହି ପ୍ରାମାଣ ଉପସ୍ଥାପିତ କରି ଦେଉଥିଲେ । 1939 ମସିହାରେ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ମୌଲବୀ ଫାଜିଲ୍ ପରୀକ୍ଷା ଉତ୍ତୀର୍ଣ୍ଣ ହେବା ପରେ ସେ ନୀଜର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ଆପଣ ଯେତେବେଳେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ଆପଣ ର.ଅ ତାଙ୍କୁ କହିଲେ କହିଲେ: ମୌଲବୀ ସାହେବ ଆପଣ କାର୍ଯ୍ୟାଳୟ ସମ୍ବନ୍ଧିତ କାମ ଶିଖନ୍ତୁ ଟିକେ । 1944 ମସିହା ଜାନୁୟାରୀ ମାସ 1 ତାରିଖ ଦିନ ମାଦ୍ରାସା ଅହେମଦିୟାରେ ଦିନିୟାତ୍ ଓ ଆରବୀ ଶିକ୍ଷକ ରୂପେ ନିଯୁକ୍ତ ହେଲେ । 1941 ମସିହାରୁ 1947 ମସିହା ପର୍ଯ୍ୟନ୍ତ ଜମାଅତୀୟ ସେବା ସମ୍ପାଦନ କଲେ । 1941 ମସିହାରୁ 1944 ମସିହା ପର୍ଯ୍ୟନ୍ତ ତିନି ବର୍ଷ ହ. ମିର୍ଜା ବଶୀର୍ ଅହେମଦ ସାହେବଙ୍କ ବ୍ୟକ୍ତିଗତ ସାହୟକ ରୂପେ କାର୍ଯ୍ୟ କଲେ । ପୁନଶ୍ଚ ନଜାରତ୍ ବୈତୁଲ୍ ମାଲ୍‌ରେ ମଧ୍ୟ ଆପଣ କାର୍ଯ୍ୟ କଲେ । କାରଣ ହ. ମୁସ୍‌ଲେହ୍ ମଉଦ୍ ର.ଅ ତାଙ୍କୁ କାର୍ଯ୍ୟାଳୟ ସମ୍ବନ୍ଧୀୟ କାମ ଶିଖିବାକୁ ଅନୁପ୍ରାଣିତ କରିଥିଲେ । ପୁନଶ୍ଚ 1947 ମସିହାରେ ତାଲିମୁଲ୍ ଇସ୍‌ଲାମ୍ ଉଚ୍ଚ ବିଦ୍ୟାଳୟରେ ଜଣେ ଶିକ୍ଷକ ଭାବରେ ତାଙ୍କର ନିଯୁକ୍ତି ହେଲା ଏବଂ ଦେଶ ବିଭାଜନ ପରେ ତାଲିମୁଲ୍ ଇସ୍‌ଲାମ୍ ଉଚ୍ଚ ବିଦ୍ୟାଳୟ ରବ୍‌ୱାରେ ସେବା ସମ୍ପାଦନ କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । 1974 ମସିହା ପର୍ଯ୍ୟନ୍ତ ଆପଣ ସେବା ସମ୍ପାଦନ କରିଥିଲେ । 1974 ମସିହାରେ ଆପଣ ବିଦ୍ୟାଳୟରୁ ଅବସର ନେଇଥିଲେ । ପୁନଶ୍ଚ 1975 ମସିହାରୁ 1994 ମସିହା ପର୍ଯ୍ୟନ୍ତ ୱକ୍‌ଫେ ଜଦିଦ୍‌ରେ ଜଣେ ଇନ୍‌ସ୍ପେକ୍ଟର ନାଜିମ୍ ଜଦିଦ୍ ଭାବରେ ଦାୟିତ୍ୱ ତୁଲାଇଥିଲେ । ହ. ଖଲିଫତୁଲ୍ ମସିହ୍ ରାବେ ର.ଅ (ହ. ମିର୍ଜା ତାହେର ଅହେମଦ)ଙ୍କ ସହିତ ମଧ୍ୟ କାର୍ଯ୍ୟ କରିଥିଲେ ଏବଂ ତାଙ୍କର ଆଦେଶାନୁଯାୟୀ ବିଭିନ୍ନ ସ୍ଥାନ ଗସ୍ତ କରୁଥିଲେ ଏବଂ ମାମଲାର ଶୁଣାଣି ତଥା ସମାଧାନ କରୁଥିଲେ। ମୁଅଲ୍ଲିମ୍‌ମାନଙ୍କୁ ପାଠ ପଢାଇବାର କାର୍ଯ୍ୟ ମଧ୍ୟ ସେ ସମ୍ପାଦନ କରିଥିଲେ । 50 ବର୍ଷରୁ ଉର୍ଦ୍ଧ୍ୱ ଜୀବନ କାଳ ସଦର୍ ମୁହଲ୍ଲା ଦାରୁନ୍ ନସର୍‌ର ସେବା କରିବାର ସାମର୍ଥ୍ୟ ତାଙ୍କୁ ପ୍ରାପ୍ତ ହୋଇଥିଲା । ଇମାମୁସ୍ ସଲାତ୍ ଥିଲେ ଓ ତରାୱୀହ୍ ମଧ୍ୟ ପଢାଉଥିଲେ। ପବିତ୍ର କୁରଆନ୍ କରୀମ୍‌ର ଅନେକ ଭାଗ ତାଙ୍କୁ ମନେଥିଲା ।

ସ୍ୱର୍ଗତ ଇବ୍ରାହିମ୍ ଭାମ୍‌ବଡ଼ୀ ସାହେବଙ୍କର ସୁପୁତ୍ରୀ କୁହନ୍ତି ଯେ, ପିତଶ୍ରୀଙ୍କର ଆତ୍ମୀୟ ସ୍ୱଜନ ଏବଂ ସଂପର୍କୀୟଙ୍କ ସହିତ ସମ୍ପର୍କ ଆଦର୍ଶମୟ ଥିଲା । ଯେତେ ସଂପର୍କୀୟମାନେ ରବ୍‌ୱା ବାହାରେ ଅବସ୍ଥାନ କରୁଥିଲେ ସେହି ସମସ୍ତ ସଂପର୍କୀୟମାନଙ୍କର ସନ୍ତାନମାନେ ଆମ ଘରେ ରହି ଶିକ୍ଷା ଆହରଣ କରିଥିଲେ । ପିତାଶ୍ରୀଙ୍କ ଦୀର୍ଘାୟୁ ତଥା କଲ୍ୟାଣମୟ ଜୀବନର ରହସ୍ୟ ହେଉଛି ବଢି ଭୋରରୁ (ପ୍ରାତଃ ସମୟରୁ) ଉଠି ନମାଜ ପାଠ କରିବା ଏବଂ ବହୁଳ ଭାବରେ ଈଶ୍ୱର ଚର୍ଚ୍ଚା କରିବା, ଖାଲି ପାଦ ପ୍ରାତଃ ଭ୍ରମଣ, ସାଇକେଲ୍‌ରେ ବିଦ୍ୟାଳୟ ଏବଂ କାର୍ଯ୍ୟାଳୟକୁ ଆସୁଥିଲେ । ପିତାଶ୍ରୀ ଅତ୍ୟନ୍ତ ହାଲୁକା ଭୋଜନ ଗ୍ରହଣ କରୁଥିଲେ । ଆପଣ ସର୍ବଦା ମିତବ୍ୟୟୀ ଏବଂ ଧୈର୍ଯ୍ୟପ୍ରଦର୍ଶନକାରୀ ହୋଇ ଜୀବନ ଯାପନ କରୁଥିଲେ । ଚାରି ଖଲିଫାମାନଙ୍କ ପ୍ରତି ଗଭୀର ଆନ୍ତରୀକତା ପ୍ରଦର୍ଶନ ପ୍ରଦର୍ଶନ କରୁଥିଲେ ଏବଂ ସେମାନଙ୍କୁ ପ୍ରକୃତ ରୂପେ ଭଲ ପାଉଥିଲେ । ଆମେମାନେ ଯେତେବେଳେ ଅନ୍ୟତ୍ର ବାହାରେ ରହିଥିଲୁ ଓ ପିତାଶ୍ରୀଙ୍କୁ କହୁଥିଲୁ ଯେ, ପିତାଶ୍ରୀ ! ଆପଣ ବି ବାହାରକୁ ଚାଲି ଆସନ୍ତୁ । ସେତେବେଳେ ପିତାଶ୍ରୀ କହୁଥିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ କବରକୁ ମୁଁ ପ୍ରତିଦିନ ଦୁଆ କରିବା ନିମନ୍ତେ ଯାଇଥାଏ । ତେଣୁ ମୁଁ ବର୍ତ୍ତମାନ ଆଉ ବାହାରକୁ ଯାଇ ପାରିବି ନାହିଁ । ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସହିତ ଏକ ବିଶେଷ ଆନ୍ତରୀକତା ଏବଂ ପ୍ରେମପୂର୍ଣ୍ଣ ସଂପର୍କ ରହିଥିଲା ପିତାଶ୍ରୀଙ୍କୁ । ଯେତେବେଳେ ବି କୌଣସି ବ୍ୟକ୍ତି ଆପଣଙ୍କ ନିକଟକୁ ଆସି କହୁଥିଲା କି ଶ୍ରୀମାନ୍ ! ଆପଣ ମୋ ପାଇଁ ଦୁଆ କରନ୍ତୁ ସେତେବେଳେ ସେପରିପ୍ରେକ୍ଷୀରେ ଆପଣ ସର୍ବ ପ୍ରଥମେ ଉକ୍ତ ବ୍ୟକ୍ତିକୁ କହୁଥିଲେ, ବସ୍ସ ! ତୁମେ ଆଗ ଉପସ୍ଥିତ ଖଲିଫାଙ୍କୁ ପତ୍ର ଲେଖ ତା' ପରେ ଯାଇ ମୁଁ ଦୁଆ କରିବି । ପୁନଶ୍ଚ ଆପଣ ହାତ ଟେକି ସେହି ବ୍ୟକ୍ତି ନିମନ୍ତେ ଦୁଆ ମଧ୍ୟ କରୁଥିଲେ । ପିତାଶ୍ରୀ ହ. ମସିହ୍ ମଉଦ୍ ଅ.ସଙ୍କ କସିଦା **ୟା ଐନା ଫୈଜିଲ୍ଲାଃହି ୱଲ୍ ଇର୍ଫାନୀ** ଶୋଇବା ପୂର୍ବରୁ ସଂପୂର୍ଣ୍ଣ କସିଦା ପାଠ କରି ଶୋଉଥିଲେ । ସ୍ୱର୍ଗତ ଇବ୍ରାହିମ୍ ସାହେବଙ୍କ ସୁପୁତ୍ରୀ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ମୋ ପିତାଶ୍ରୀ ମହୋଦୟ ଏକ ସ୍ୱପ୍ନର ସବୁବେଳେ ଚର୍ଚ୍ଚା କରୁଥିଲେ । ସେହି ସ୍ୱପ୍ନଟି ତାଙ୍କର ଦଦା ଅର୍ଥାତ୍ ଇବ୍ରାହିମ୍ ସାହେବଙ୍କ ସୁପୁତ୍ରୀଙ୍କ ଦଦା ଦେଖିଥିଲେ । ଯେ, ଇବ୍ରାହିମ୍ (ପିତାଶ୍ରୀ) ଖଜୁରୀ କୋଳି ବୃକ୍ଷ ଉପରେ ଚଢୁଛନ୍ତି ଏବଂ ସେ ଭୟ କରୁଛନ୍ତି ଯେ, କାଳେ ସେ ତଳେ ନଖସି ପଡ଼ନ୍ତୁ । କିନ୍ତୁ ଚାହୁଁ ଚାହୁଁ ଇବ୍ରାହିମ୍ ଉକ୍ତ ଖଜୁରୀ କୋଳି ବୃକ୍ଷର ଶେଷ ଭାଗ ପର୍ଯ୍ୟନ୍ତ ପହଞ୍ଚିଗଲେ । ଅତଏବ୍ ସ୍ୱର୍ଗତ ଇବ୍ରାହିମ୍ ସାହେବଙ୍କ ପିତାଶ୍ରୀ ଉକ୍ତ ସ୍ୱପ୍ନର ଏହି ଫଳ ବାହାର କଲେ ଯେ, ଇବ୍ରାହିମ୍ ଦୀର୍ଘାୟୁ ହେବେ ଏବଂ ଅସୀମ ଜ୍ଞାନର ଅଧିକାରୀ ହେବ ।

ପାକିସ୍ତାନ୍‌ର ନାଜିର୍ ଦିୱାନ୍ ଶେଖ୍ ମୁବାରକ୍ ସାହେବ ଉଲ୍ଲେଖ କରନ୍ତି ଯେ, ମୁଁ ଇବ୍ରାହିମ୍ ସାହେବଙ୍କର ଛାତ୍ର ମଧ୍ୟ ରହିଛି । ପୁନଶ୍ଚ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ତାଙ୍କ ସହିତ ବିଦ୍ୟାଳୟରେ ଜଣେ ଶିକ୍ଷକ ଭାବରେ ଶିକ୍ଷକତା ମଧ୍ୟ କଲି ଓ ପିଲାମାନଙ୍କୁ ପାଠ ପଢାଇଥିଲି । ବୋର୍ଡ଼ିଂରେ ଭାମବଡ଼ୀ ସାହେବ ଟ୍ୟୁଟର ରୂପେ କାର୍ଯ୍ୟ କରୁଥିଲେ । ଦୀର୍ଘ

କାଳ ପର୍ଯ୍ୟନ୍ତ ଇବ୍ରାହିମ୍ ସାହେବଙ୍କ ସହିତ ସେ କାର୍ଯ୍ୟ କରିଥିଲେ। ସେ ବୋର୍ଡ଼ିଂରେ ରହୁଥିବା ଅନ୍ତେବାସୀଙ୍କ ସହିତ ସେ ପଛେ ଅହେମଦି ହୁଅନ୍ତୁ ଅବା ଅଣଅହେମଦି ହୁଅନ୍ତୁ ସମସ୍ତଙ୍କ ସହିତ ପ୍ରେମ ଓ ଛାତ୍ରବତ୍ସଳ ଶିକ୍ଷକ ରୂପେ ସେମାନଙ୍କ ପ୍ରତି ସଦୟ ଭାବ ପ୍ରଦର୍ଶନ କରୁଥିଲେ । ପ୍ରତ୍ୟେକ ଛାତ୍ରର ସ୍ୱଭାବ ଓ ରୁଚି ଅନୁଯାୟୀ ସଂସ୍କାରର ଭିନ୍ନ ଭିନ୍ନ ପନ୍ଥା ସେ ଅବଲମ୍ବନ କରୁଥିଲେ । ପିଲାମାନେ ମଧ୍ୟ ଶୀଘ୍ର ଆପଣଙ୍କ କଥାକୁ ସ୍ୱୀକାର କରି ନେଉଥିଲେ ଓ ପିତାଙ୍କ ପରି ସେମାନେ ଇବ୍ରାହିମ୍ ସାହେବଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ । ଅନେକ ସମୟରେ ବୋର୍ଡ଼ିଂରେ ସମୟ ଅତିବାହିତ କରୁଥିଲେ । ନମାଜରେ ଇମାମତ୍ କରାଉଥିଲେ । ସମସ୍ତ ଛାତ୍ରମାନଙ୍କର ନମାଜରେ ବିଶେଷ ରୂପେ ନିରୀକ୍ଷଣ ତଥା ଦେଖାଶୁଣା କରୁଥିଲେ । ସେ ପିଲାମାନଙ୍କୁ ବହୁତ ଭଲ ପାଉଥିଲେ । ତେଣୁ ମୁଁ ମଧ୍ୟ ତାଙ୍କର ଜଣେ ଛାତ୍ର ଅଟେ । ସେ ମୋ ପ୍ରତି କଠୋରତା ମଧ୍ୟ ପ୍ରଦର୍ଶନ କରିଥିଲେ । ମୁଁ ଯେତେବେଳେ ନାଜିର୍ ଆଲା ଥିଲି ସେତେବେଳେ ତାଙ୍କୁ ତାଙ୍କର କଠୋରତା ଘଟଣା ସ୍ମରଣ କରାଉଥିଲି । ତେବେ ସେ ସ୍ମିତହାସ୍ୟତା ପ୍ରକାଶ କୁରଥିଲେ । ଆମ ଉପରେ କଠୋରତା ପ୍ରଦର୍ଶନ କରିବାରେ ତାଙ୍କର ମୂଳାଭିପ୍ରାୟ ସହାନୁଭୂତି ଓ ତ୍ରୁଟି ସଂଶୋଧନ ଥିଲା । ସଭାପତିତ୍ୱ ଦାୟିତ୍ୱ ଆପଣ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ଓ ସୁଚାରୁ ରୂପେ ସମ୍ପାଦନ କରୁଥିଲେ ଏବଂ କହୁଥିଲେ ଯେ, ଯେଉଁ ଘରେ ପୁରୁଷମାନେ ନାହାନ୍ତି ତଥା ଯେଉଁଠି ମହିଳାମାନେ ଏକୁଟିଆ ରହୁଛନ୍ତି ସେହି ସମସ୍ତଙ୍କ ଘର ଠିକଣା ମୋତେ ଜଣା । ପୁରୁଷମାନେ ବାହରକୁ ଯାତ୍ରା ଗସ୍ତରେ ଯାଇଥାଆନ୍ତି । ତେଣୁ ମୁଁ ବଜାର ଗଲାବେଳେ ସେମାନଙ୍କ ପରିବାର ସହିତ ଯୋଗଯୋଗ କରିଦେଇ ଆସେ ଏବଂ ସେମାନଙ୍କୁ କହେ କି ଯଦି ଆପଣଙ୍କର କିଛି କାମ ଅଛି ତେବେ ଆପଣ ମୋତେ କହି ଦିଅନ୍ତୁ । ମୁଁ ଆପଣଙ୍କର କାମ କରିଦେବି । ସୁତରାଂ ଏକ ବ୍ୟାଗ୍ ହେଉଥିଲା, କଲମ ହେଉଥିଲା ଏବଂ କାଗଜ ହେଉଥିଲା ସେଇଥିରେ ସେ ଲେଖି ନେଉଥିଲେ ଯେ, କେଉଁ ବସ୍ତୁ ଆଣି ଦେବାର ଅଛି । ଏତଦ୍‌ପରେ ସେ ପ୍ରତ୍ୟେକ ଘରମାନଙ୍କରେ ସେମାନଙ୍କର ସଉଦା ପହଞ୍ଚାଇ ଦେଉଥିଲେ । ଡାକ ଘରେ ଯଦି କୌଣସି ଚିଠି ପ୍ରେରଣ କରିବାର ଆବଶ୍ୟକତା ହେଉଥିଲା ଓ ଚିଠି ଉପରେ ଠିକଣା ନାମ ଆଦି ଉଲ୍ଲେଖ କରିବାର ଆବଶ୍ୟକତା ରହୁଥିଲେ ସେତେବେଳେ ସେ ପତ୍ର ପ୍ରେରଣ କରି ଦେଉଥିଲେ। ସେହିପରି ଡାକ ଘରୁ ଯଦି କୌଣସି ଚିଠି ପତ୍ର ଏଠାକୁ ଆସିବା ବୋଲି ଜ୍ଞାତ ହେଉଥିଲା ସେତେବେଳେ ସେ ଡାକ ଘରୁ ପତ୍ର ଘେନି ଆସୁଥିଲେ ଏବଂ ସେହି ପତ୍ରଗୁଡ଼ିକୁ କେ ପ୍ରାପକଙ୍କ ଘର ପର୍ଯ୍ୟନ୍ତ ପହଞ୍ଚାଇ ଦେଉଥିଲେ । ଯଦି କେହି ଅଶିକ୍ଷିତ ବ୍ୟକ୍ତି ପତ୍ର ପଢିବାକୁ କହିଥିଲା ସେତେବେଳେ ସେ ସେହି ବ୍ୟକ୍ତିକୁ ପତ୍ର ପାଠ କରି ଶୁଣାଇ ଦେଉଥିଲେ । ସ୍ୱର୍ଗତ ଇବ୍ରାହିମ୍ ଭାମ୍‌ବଡ଼ୀ ସାହେବ ଜଣେ ଉତ୍ତମ ସନ୍ତକ ରକ୍ଷାକାରୀ ବ୍ୟକ୍ତି ଥିଲେ। କେବେ ବି କୌଣସି ବ୍ୟକ୍ତିର କଥା ଅନ୍ୟ ବ୍ୟକ୍ତିକୁ କହୁ ନଥିଲେ । କଲୋନୀର ସଭାପତି ହେବା ଯୋଗୁଁ ତାଙ୍କ ନିକଟକୁ କେତେକ ମାମଲା ପତ୍ନିମାନେ ଆଣୁଥିଲେ ଏବଂ ସେମା ନିଜ ସ୍ୱାମୀମାନଙ୍କର ଦୋଷ ଦୁର୍ବଳତା ସଂପର୍କରେ ବର୍ଣ୍ଣନା କରୁଥିଲେ। ଆପଣ ସ୍ୱାମୀମାନଙ୍କୁ ବିନା କୌଣସି ଆଭାସ ଦେଇ ଭଲ ସୁଯୋଗ ଦେଖି ଉପଦେଶ ଦେଇ ଦେଉଥିଲେ ଏବଂ ମାମଲାର ସମାଧାନ କରିଦେଉଥିଲେ । ଅତଏବ୍ କଲୋନୀର ମହିଳା ଏବଂ ପୁରୁଷ ଓ ଛୋଟ ପିଲାମାନେ ତାଙ୍କୁ ପିତୃବତ୍ସଳ ପିତାଙ୍କ ପରି ପାଉଥିଲେ ।

ଏହା ହେଉଛି ପଦାଧିକାରୀମାନଙ୍କର ପ୍ରକୃତ ପନ୍ଥା ଯେ, କିଭଳି ସେହି ଲୋକମାନଙ୍କୁ ମିଳିମିଶି ରହିବା ଉଚିତ୍ ଓ ସେମାନଙ୍କର ସଂଶୋଧନ ଏବଂ ସଂସ୍କାର କରିବା ପ୍ରତି ଉଦ୍ୟମ କରିବା ଉଚିତ୍ । ସ୍ୱର୍ଗତ ଇବ୍ରାହିମ୍ ଭାମବଡ଼ୀ ସାହେବ ମୁବଲ୍ଲିଗ୍‌ମାନଙ୍କୁ ଉପଦେଶ ଦେଉଥିଲେ ଯେ, ସେମାନେ କିଛି ନଜମ୍ ଘୋଷି (ମଖସ୍ତ କରି) ନିଅନ୍ତୁ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ କାବ୍ୟିକ ଲେଖନୀକୁ ପାଠ କର । ସେହି କବିତାବଳୀରେ ଅନେକ ଉପଦେଶମାନ ରହିଛି ଏବଂ ସେ ସ୍ୱୟଂ କହିଲେ ଯେ, ମୁଁ ଦୈନିକ କସିଦା (ପ୍ରଶଂସା ଗୀତି) ପାଠ କରେ ଓ ତା' ପରେ ଯାଇ ମୁଁ ଶୋଇଥାଏ । ଅତଏବ୍ ଏହା ମୁବଲ୍ଲିଗିନ୍‌ମାନଙ୍କ ନିମନ୍ତେ ଏକ ଉପଦେଶ ଅଟେ । ସ୍ୱର୍ଗତଙ୍କ ଜୀବନରେ ହିଁ ତାଙ୍କର ଏକ କନ୍ୟା ସନ୍ତାନକୁ ଗ୍ରାମରୁ ବାଟରେ ଆସୁଥିବା ସମୟରେ ଶହୀଦ୍ କରିଦିଆଗଲା । ଅତ୍ୟନ୍ତ ଧୈର୍ଯ୍ୟର ସହିତ ଓ ଶାନ୍ତିପୂର୍ଣ୍ଣ ଭାବରେ ସେ ଉକ୍ତ ଦୁଃଖକୁ ସହ୍ୟ କରିଥିଲେ । ପୁନଶ୍ଚ ସ୍ୱର୍ଗତ ଇବ୍ରାହିମ୍ ସାହହେବଙ୍କ ଦ୍ୱିତୀୟ କନ୍ୟା ଲଣ୍ଡନ ଠାରେ ମୃତ୍ୟୁବରଣ କରିଥିଲେ । ସ୍ୱର୍ଗତ ଇବ୍ରାହିମ୍ ସାହେବ ସେତେବେଳେ ଅସୁସ୍ଥ ଥିଲେ ଏବଂ ତାଙ୍କ କନ୍ୟାଙ୍କର ପାର୍ଥିବ ଶରୀର ରବ୍‌ୱା ଅଣା ଯାଇଥିଲା । ଆପଣ ସେତେବେଳେ ମଧ୍ୟ ଅତ୍ୟନ୍ତ ଧୈର୍ଯ୍ୟର ସହିତ ଉକ୍ତ ଦୁଃଖକୁ କେବଳ ସହ୍ୟ କରିଥେଲ ତାହା ନୁହେଁ ବରଂ ଅନ୍ୟମାନଙ୍କୁ ମଧ୍ୟ ସହ୍ୟ କରିବା ନିମନ୍ତେ ଅନୁପ୍ରାଣିତ କରିଥିଲେ । ସେ ଯାହା ହେଉ ସେ ପ୍ରତ୍ୟେକ ପରିସ୍ଥିତିରେ ଆକଳନ, ଅନ୍ଦାଜ୍ ବା ଶୈଳୀ ଅନୁଯାୟୀ ସଫଳ ଜୀବନ ଅତିବାହିତ କରିଥିଲେ ଏବଂ ଅନେକ ସମୟରେ ସେ ଏହା କହୁଥିଲେ ଯେ, ଇହଧାମ ଅପେକ୍ଷା ବୈକୁଣ୍ଠ ଧାମ ସବୁଠୁ ବେଶୀ ସୁନ୍ଦର ଅଟେ । ଅଲ୍ଲାଃତାଲା ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ସ୍ୱର୍ଗତଙ୍କର ସନ୍ତାନ ସନ୍ତତିମାନଙ୍କୁ ମଧ ସେମାନଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତ । **ଆମିନ୍** ।

ତୃତୀୟ ଯନାଜାଃ ହେଉଛି ୟୁସୁଫ୍ ଜାରେ ସାହେବଙ୍କର । ସ୍ୱର୍ଗତ ୟୁସୁଫ୍ ସାହେବ ଘାନାର ଅଧିବାସୀ ଥିଲେ । ବିଗତ ଦିନ ତାଙ୍କର ବିୟୋଗ ହୋଇଯାଇଛି। إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଘାନାର ଅମୀର୍ ମିଶ୍‌ନାରୀ ଇନ୍‌ଚାର୍ଜ ସାହେବ ଉଲ୍ଲେଖ କରନ୍ତି, ସ୍ୱର୍ଗତ ୟୁସୁଫ୍ ଜାରେ ସାହେବ ଓସିୟତ୍ କରିଥିଲେ । ଜଣେ ନୈଷ୍ଠିକ ଅହେମଦି ବନ୍ଧୁ ଥିଲେ । ବିଭିନ୍ନ ପଦରେ ଅଧିଷ୍ଠିତ ହୋଇଥିଲେ ଏବଂ ପୂର୍ଣ୍ଣ ରୂପେ ନିଃସ୍ୱାର୍ଥପର ହୋଇ ସେ ଜମାଅତ୍‌ର ସେବା କରିଥିଲେ । ବିୟୋଗ ସମୟରେ ସେ ଦୁଇଟି ଅହେମଦି ଉଚ୍ଚ ବିଦ୍ୟାଳୟର ସଭାପତି ବୋର୍ଡ଼ ରୂପେ ସେବା ସମ୍ପାଦନ କରୁଥିଲେ। ଶିକ୍ଷିତ ଗୋଷ୍ଠୀଙ୍କ ସହିତ ସେ ସଂଶ୍ଲୀଷ୍ଟ ଥିଲେ । ଅବସର ନେବା ପୂର୍ବରୁ ସେ ପ୍ରଟସନ ଓ କମାସି ନାମକ ଦୁଇଟି ବରିଷ୍ଠ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୂପେ ଦାୟିତ୍ୱ ତୁଲାଇଥିଲେ । ୟୁସୁଫ୍ ସାହେବ ଘାନାର ସଦର୍ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦିୟା ଭାବରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ହ.ଖଲିଫତୁଲ୍ ମସିହ୍ ରାବେ ର.ଅ ୧୯୮୪ ମସିହା କାଳରେ ଆପଣ ସଦର୍ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦିୟା ଭାବରେ ସେବା ସମ୍ପାଦନ କରୁଥିଲେ । ସିକ୍ୟୁରିଟି (ନିରାପତ୍ତା) ପ୍ରସଙ୍ଗରେ ଆପଣ ଜମାଅତ୍‌ର ସର୍ବାଧିକ ରୂପେ ସେବା କରିଥିଲେ । ସ୍ୱର୍ଗତ ୟୁସୁଫ୍ ସାହେବ ଶିକ୍ଷା ବିଭାଗ ସହିତ ସଂଶ୍ଲୀଷ୍ଟ ରହିଥିଲେ ଏବଂ ଅହେମଦି ଯୁବକମାନଙ୍କର ଶିକ୍ଷା ସଂପର୍କରେ ଆପଣ ସର୍ବଦା ଚିନ୍ତିତ ଓ ଚେଷ୍ଟିତ ରହୁଥିଲେ । ତାଙ୍କର ଜଣେ ପୌତ୍ର ବର୍ତ୍ତମାନ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି ଏବଂ ଜମାଅତ୍‌ର ସେବା ସମ୍ପାଦନ କରୁଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** ।

ଚତୁର୍ଥ ଯନାଜାଃ ହେଉଛି ଘାନାର ଅଲ୍ ହାଜ୍ ଉସ୍‌ମାନ୍ ଆଦମ୍ ସାହେବଙ୍କର। ତାଙ୍କର ମଧ ୮୧ ବର୍ଷ ବୟସରେ ବିଗତ ଦିନ ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ସ୍ୱର୍ଗତ ଉସ୍‌ମାନ୍ ସାହେବଙ୍କ ସଂକ୍ରାନ୍ତରେ ଅମୀର୍ ମିଶ୍‌ନାରୀ ଇନ୍‌ଚାର୍ଜ୍ ସାହେବ ଉଲ୍ଲେଖ କରନ୍ତି: "ସ୍ୱର୍ଗତ ଉସ୍‌ମାନ୍ ସାହେବ ଓସିୟତ୍ ବ୍ୟବସ୍ଥା ସହିତ ସଂଶ୍ଲୀଷ୍ଟ ଥିଲେ । ଅତ୍ୟନ୍ତ ନିଷ୍ଠାପର ଅହେମଦି ବ୍ୟକ୍ତି ଥିଲେ । ନିୟମିତ ନାମଜ ପାଠ କରୁଥିଲେ ଓ ଚାନ୍ଦା ମଧ୍ୟ ନିୟମିତ ଭାବରେ ପୈଠ କରୁଥିଲେ । ଜମାଅତ୍ କାମରେ ପ୍ରତିସ୍ୱର୍ଦ୍ଧିତ ରୂପେ ଅଂଶ ଗ୍ରହଣ କରୁଥିଲେ । ଖିଲାଫତ୍ ସହିତ ପ୍ରକୃତ ବିଶ୍ୱସ୍ତତା ପ୍ରଦର୍ଶନ କରିଥିଲେ ଏବଂ ଏହି ଉତ୍ସାହ ତଥା ଆବେଗ ସେ ନିଜର ସନ୍ତାନମାନଙ୍କ ମଧ୍ୟରେ ସୃଷ୍ଟି କରିବା ପାଇଁ ଉଦ୍ୟମ କରିଥିଲେ । ଆପଣ ନିଜର ସନ୍ତାନ ସନ୍ତତିଙ୍କୁ ଧାର୍ମିକ ଓ ସାଂସାରିକ ଶିକ୍ଷା ପ୍ରଦାନ କରିବା ପ୍ରତି ବିଶେଷ ରୂପେ ଯତ୍ନବାନ୍ ଥିଲେ । ପବିତ୍ର କୁରଆନ୍ କରୀମ୍‌ର ଫାଣ୍ଟି ଭାଷାରେ ଅନୁନବାଦ ମଧ୍ୟ କରିଥିଲେ । ଫାଣ୍ଟି ଭାଷାରେ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ ତାଙ୍କର ଏକ ମହତ୍ ଅବଦାନ ଏବଂ ବିଶେଷ କୃତିତ୍ୱ ଅଟେ । ସ୍ୱର୍ଗତ ଉସମାନ୍ ସାହେବଙ୍କର ପତ୍ନି କୁହନ୍ତି, ସ୍ୱର୍ଗତ ସ୍ୱାମୀ ମହୋଦୟ ଅତ୍ୟନ୍ତ ବିନୀତ ସ୍ୱଭାବର ବ୍ୟକ୍ତି ଥିଲେ ଏବଂ ପ୍ରେମକାରୀ ବ୍ୟକ୍ତି ଥିଲେ । 2012 ମସିହାରେ ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତଙ୍କୁ ହଜ୍ ତୀର୍ଥ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ଜମାଅତ୍‌ର ଅନେକ ସଦସ୍ୟଙ୍କୁ ସେ ପବିତ୍ର କୁରଆନ୍ କରୀମ୍ ପଢାଇଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ସ୍ୱର୍ଗତଙ୍କର ସନ୍ତାନ ସନ୍ତତିଙ୍କୁ ସ୍ୱର୍ଗତଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନନ କରନ୍ତୁ । ଆମିନ୍ ।" ☆--☆--☆

## ପୃ-2ରେ ବର୍ଣ୍ଣିତ ତଫସିର (ବ୍ୟାଖ୍ୟା)ର ଅବଶିଷ୍ଟାଂଶ.....

କରିଦେଲା ଯେ, ହ. ଉସ୍‌ମାନ୍ ଆଉ ତା'ର ଛତ୍ର ଛାୟାରେ ନାହାନ୍ତି । ସେହି ବ୍ୟକ୍ତି ଜଣକ ସାହାସ କରିପାରୁ ନଥିଲା ଯେ, ସେ ସମସ୍ତ ଲୋକମାନଙ୍କ ସମ୍ମୁଖରେ ହ. ଉସମାନ୍ ର.ଅଙ୍କୁ ସାହାଯ୍ୟ କରୁ । କିନ୍ତୁ ସେ ଯେତେବେଳେ ଦେଖିଲା କି ହ. ଉସମାନ୍ ର.ଅଙ୍କର ଚକ୍ଷୁ ଡୋଳା ବାହାରିଗଲା । ଯେପରି ଜଣେ ଗରିବ ଏବଂ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهُ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲଃାତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ଦରିଦ୍ର ବ୍ୟକ୍ତିର ପିଲାକୁ କୌଣସି ଧନୀ ବ୍ୟକ୍ତିର ବାଳକ ବାଡ଼ାଏ (ମାଡ଼ ମାରେ) ତେବେ ଉକ୍ତ ଗରିବ ସନ୍ତାନକୁ ତା'ର ମା ତା' ନିଜ ସନ୍ତାନକୁ ହିଁ ବାଡ଼ାଇଥାଏ ଏବଂ ତା' ଉପରେ ନିଜର ରାଗ ଶୁଝିଥାଏ । ଠିକ୍ ସେହିପରି ସେ ସେହି ଆଶ୍ରୟ ଦେଇଥିବା ବ୍ୟକ୍ତି ଧନୀ ବ୍ୟକ୍ତିଙ୍କ ଉପରେ ତ' ନିଜର ରାଗ ଶୁଝାଇ ପାରୁ ନଥିଲା । ତେଣୁ ସେ ହ. ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର.ଅଙ୍କ ଉପରେ ହିଁ ନିଜର ରାଗ ଶୁଝିଦେଲା ଏବଂ ହ. ଉସ୍‌ମାନ୍ ର.ଅଙ୍କୁ କହିଲା, ହେ ଉସ୍‌ମାନ୍ ! ମୁଁ ତୁମକୁ କହିଥିଲି ପରା ତୁମେ ମୋ ଆଶ୍ରୟରୁ ବାହାର ନା । ବର୍ତ୍ତମାନେ ତୁମେ ଦେଖୁଛ ଟି ଏହାର କ'ଣ ପରିଣାମ ହେଲା ? ହ. ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର.ଅ ଉତ୍ତର ଉତ୍ତର ପ୍ରଦାନ କଲେ ଯେ, ଚଚା ଆପଣ ମୋ ଉପରେ ଏଇଥିପାଇଁ ରୁଷ୍ଟ ହେଉଛନ୍ତି ଯେ, ମୋର ଗୋଟିଏ ଚକ୍ଷୁ କାହିଁକି ବାହାରିଗଲା ? କିନ୍ତୁ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୋର ଦ୍ୱିତୀୟ ଚକ୍ଷୁ ମଧ୍ୟ ଈଶ୍ୱରଙ୍କ ମାର୍ଗରେ ବାହାରିବା ନିମନ୍ତେ ଉତ୍ସୁକ ଓ ବ୍ୟଗ୍ର ଅଟେ । ବର୍ତ୍ତମାନ କୌଣସି ବୁଦ୍ଧିମାନ ବ୍ୟକ୍ତି ଏହା ଭାବି ପାରୁଥିଲା ଯେ, ଆପଣ ର.ଅଙ୍କ ଚକ୍ଷୁ ଡୋଳା ବାହାରିବା ଧର୍ମକୁ କୌଣସି ଲାଭ ପହଞ୍ଚାଇ ପାରିବ ?

ଘଟଣା କ୍ରମଟି ଏହିପରି ଯେ, ସେହି ଯୁଗରେ ଏହି ସମସ୍ତ ବଳିଦାନ ସଂପୂର୍ଣ୍ଣ ରୂପେ ନିରର୍ଥକ ବୋଲି ଦୃଶ୍ୟମାନ ହେଉଥିଲା । କିନ୍ତୁ ଯଦି ହ. ଉସ୍‌ମାନ ର.ଅଙ୍କ ଗୋଟିଏ ଚକ୍ଷୁ ଈଶ୍ୱରଙ୍କ ମାର୍ଗରେ ବାହାରି ନଥାଆନ୍ତା, ଯଦି ଉସ୍‌ମାନ ର.ଅଙ୍କ ଦ୍ୱିତୀୟ ଚକ୍ଷୁ ଈଶ୍ୱରଙ୍କ ମାର୍ଗରେ ବାହାରିବା ନିମନ୍ତେ ଉତ୍ସୁକ ଓ ବ୍ୟଗ୍ର ନହୋଇ ଥାଅନ୍ତା, ଯଦି ମହିଳାମାନଙ୍କର ଗୁପ୍ତାଙ୍ଗ ଅର୍ଥାତ୍ ଯୋନୀରେ ବର୍ଚ୍ଛା ନଭୁଷା ଯାଇ ଥାଆନ୍ତା, ସାହାବାମାନେ ମକ୍କାର ପ୍ରାରମ୍ଭିକ କାଳରେ ନିଜ ଜୀବନର ବଳିଦାନ ଦେଇ ନଥାଆନ୍ତେ ତେବେ ମୁସଲମାନମାନେ ସେହି ବଳିଦାନ କେବେ ବି ଉପସ୍ଥାପିତ କରିପାରି ନଥାଆନ୍ତେ ଯାହାକି ସେମାନେ ବଦର୍ ଓ ଓହୋଦ୍ ଯୁଦ୍ଧ ଅବସରରେ ଉପସ୍ଥାପିତ କରିଥିଲେ । ସାହାବାମାନେ ସେହି ବଳିଦାନ ଉପସ୍ଥାପିତ କରିପାରି ନଥାଆନ୍ତେ ଯେଉଁ ବଳିଦାନ ସେମାନେ ଅହ୍‌ଜାବ୍ ଯୁଦ୍ଧ ଅବସରରେ ଉପସ୍ଥାପିତ କରିଥିଲେ । ଏହା ସେହି ବଳିଦାନ ଥିଲା ଯାହାକି ସେହି ସାହାବାମାନଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଓ ଉନ୍ମାଦନା ସୃଷ୍ଟି କରି ଦେଇଥିଲା । ସାହାବାମାନଙ୍କ ମଧ୍ୟରେ ସେହି ଅପୂର୍ବ ନିଷ୍ଠା ସୃଷ୍ଟି କରିଦେଲା ଏବଂ ସେମାନଙ୍କୁ ବଳିଦାନ ଦେବା ନିମନ୍ତେ ସର୍ବୋଚ୍ଚ ଏବଂ ଶୀର୍ଷ ସ୍ଥାନରେ ଆଣି ଛିଡ଼ା କରିଦେଲା । ସେହିପରି ମକ୍କାରେ ଅସଂଖ୍ୟ ସହସ୍ର ସହସ୍ର ଜୀବମାନେ ଜେବହ୍ ହୁଅନ୍ତି । ଯେଉଁ ଜୀବମାନଙ୍କର ମାଂସ ପ୍ରକାଶ୍ୟ ରୂପେ ବୃଥା ଏବଂ ନଷ୍ଟ ହୋଇ ଯାଇଥାଏ । ସେହି ଜୀବମାନଙ୍କ ମାଂସର ଭକ୍ଷଣକାରୀ କେହି ମଧ୍ୟ ଥାଆନ୍ତି ନାହିଁ । କିନ୍ତୁ ଇସ୍‌ଲାମ୍ ଧର୍ମ ତଥାପି ବଳିଦାନ ଦେବା ନିମନ୍ତେ ଆଦେଶ ଦେଇଥାଏ ।

ସୁତରାଂ ଅଲ୍ଲାଃତାଲା କୁହନ୍ତି لَكُمۡ فِيۡهَا خَيۡرٌ ଅର୍ଥାତ୍ ତୁମମାନଙ୍କ ନିମନ୍ତେ ତହିଁରେ କଲ୍ୟାଣ ଏବଂ ପୁଣ୍ୟ ଧାର୍ଯ୍ୟ କରାଯାଇଛି । ଅତଃ ତୁମମାନଙ୍କୁ ଉକ୍ତ ବଳିଦାନର ସେହି ପ୍ରଥାକୁ ସର୍ବଦା ଅବ୍ୟାହତ ରଖିବା ଉଚିତ୍ ଓ ଉକ୍ତ ବଳିଦାନର ସୁଦୂରପ୍ରସାରୀ ପରିଣାମ ଉପରେ ମଧ୍ୟ ଦୃଷ୍ଟି ନିବଦ୍ଧ ରଖିବା ଉଚିତ୍ ଯାହାକି ସେହି ବଳିଦାନ ଫଳରେ ସୃଷ୍ଟି ହୋଇଥାଏ । ସେହି ନିର୍ବୋଧ ସମ୍ରାଟ୍ ପରି ହେବା ଉଚିତ୍ ନୁହଁ ଯେଉଁ ସମ୍ରାଟ୍ ନିଜର ସୈନ୍ୟବାହିନୀର ଖର୍ଚ୍ଚକୁ ବାଯ୍ୟ ଖର୍ଚ୍ଚ ବୋଲି ମନେକରି ସୈନ୍ୟବାହିନୀକୁ ଭଙ୍ଗ କରିଦେଇଥିଲା । ସେହି ସମ୍ରାଟ୍ ଏହା ମନେକରି ନେଇଥିଲା ଯେ, ବେଳ ଆସିଲେ ଉକ୍ତ କାର୍ଯ୍ୟ ଅର୍ଥାତ୍ ଯୁଦ୍ଧ କାର୍ଯ୍ୟକୁ କଂସେଇମାନେ ସମ୍ପାଦନ କରିନେବେ । କିନ୍ତୁ ପରିଣାମ କ'ଣ ହେଲା ? ପରିଣାମ ଏହା ହେଲା କି ଦେଶର ସମଗ୍ର ଶାସନ ବ୍ୟବସ୍ଥା ହସ୍ତରୁ ଖସିଗଲା । **(ତଫ୍‌ସିର୍ କବିର୍ ଭାଗ-6, ପୃ-53, ପ୍ରକାଶନ ସ୍ଥାନ-କାଦିଆନ, 2010 ମସିହା)** ☆--☆--☆

## ବିଗତ ସଂଖ୍ୟା-37ର ବର୍ଣ୍ଣିତ ଖୁତବା ଜୁମା 15-12-2023 ର ଅବଶିଷ୍ଟାଂଶ.....

ତୁମେମାନେ ନିଜ ଆସ୍ଥା ଉପେରେ ଏତେ ଭରସା କରୁଛ ତେବେ ନିଃସନ୍ଦେହ ରୂପେ ତୁମମାନଙ୍କ ମଧ୍ୟରୁ କେହି ନା କେହି ବ୍ୟକ୍ତି ଏହି ମୁହୂର୍ତ୍ତରେ ମୋ ସହିତ ମୁକାବିଲା କରିବା ନିମନ୍ତେ ବାହାରି ଆସନ୍ତା । ଉକ୍ତ କଥା ଶୁଣି ହ. ଅଲୀ ର.ଅ ତା' ସମ୍ମୁଖରେ ଆସି ପହଞ୍ଚିଗଲେ । ଉଭୟଙ୍କ ମଧ୍ୟରେ ଖଡ଼୍‌ଗ ଯୁଦ୍ଧ ଚାଲିଲା ଏବଂ ଦୁହେଁ ଦୁହିଁଙ୍କ ଉପରକୁ ଖଡ଼୍‌ଗ ପ୍ରହାର କରିବାକୁ ଲାଗିଲେ । ପରିଶେଷରେ ହ. ଅଲୀ ତା'ର ବଧ କରିଦେଲେ । ଏକ ବର୍ଣ୍ଣନାରେ ଏହା ଉଲ୍ଲେଖ ରହିଛି ଯେ, ଉଭୟ ସୈନ୍ୟବାହିନୀଙ୍କ ମଧ୍ୟରେ ଏମାନେ ଦୁହେଁ ମୁହାଁମୁହିଁ ହେଲେ । କିନ୍ତୁ ହ. ଅଲୀ ର.ଅ ହଠାତ୍ ସେହି ବ୍ୟକ୍ତି ଉପରେ ଯାଇ ବସି ପଡ଼ିଲେ ଏବଂ ତା'କୁ ପରାସ୍ତ କରିଦେଲ । ହ. ଅଲୀ ତା'ର ଗୋଡ଼ କାଟିଦେଲେ ଏବଂ ତା'କୁ ତଳେ ପକାଇଦେଲେ । ଏହିପରି ଭାବରେ ଶରୀରର ଗୁପ୍ତାଙ୍ଗ ପ୍ରଘଟ ହୋଇଗଲା ଅର୍ଥାତ୍ ଦୃଶ୍ୟମାନ ହୋଇଗଲା । ତଲ୍‌ହା ସେତେବେଳେ କହିବାକୁ ଲାଗିଲା ଯେ, ହେ ମୋର ଭାଇ ! ମୁଁ ତୋତେ ଈଶ୍ୱରଙ୍କ ଦ୍ୱାହି ଦେଇ କହୁଛି ଏବଂ ତୁମ ଆଗରେ ଦୟା ଭିକ୍ଷା କରୁଛି । ଉକ୍ତ କଥା ଶୁଣି ହ. ଅଲୀ ର.ଅ ସେଠାରୁ ଫେରି ଆସିଲେ ଏବଂ ଅତିରିକ୍ତ ପ୍ରହାର ଆଉ କଲେ ନାହିଁ । ଫଳତଃ କେତେକ ସାହାବାମାନେ ହ. ଅଲୀ ର.ଅଙ୍କୁ କହିଲେ, ହେ ଅଲୀ ଆପଣ ତା'ର ବଧ କାହିଁକି କଲେ ନାହିଁ ? ହ. ଅଲୀ ର.ଅ ସେମାନଙ୍କୁ କହିଲେ, ଉକ୍ତ ବ୍ୟକ୍ତିର ଅନ୍ତଃ ବସ୍ତ୍ର ଖୋଲିଗଲା ଏବଂ ତା' ଶରୀରର ନଗ୍ନାବସ୍ଥା ମୋ ଆଡ଼କୁ ଥିଲା । ସେଇଥିପାଇଁ ମୋତେ ତା' ଉପରେ ଦୟା ଆସିଗଲା ଏବଂ ମୁଁ ଏହା ଜାଣି ନେଇଥିଲି ଯେ, ଅଲ୍ଲାଃତାଲା ତା'ର ସଂହାର କିରିଦେଇଛନ୍ତି । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ ହ. ଅଲୀ ର.ଅଙ୍କୁ କହିଲେ, ହେ ଅଲୀ ! ତୁମେ ଉକ୍ତ ବ୍ୟକ୍ତିକୁ କାହିଁକି ଛାଡ଼ିଦେଲ ? ହ. ଅଲୀ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେ ମୋତେ ଈଶ୍ୱରଙ୍କ ଦ୍ୱାହି ଦେଲା ଏବଂ ମୋତେ ଦୟା ଓ ପ୍ରାଣ ଭିକ୍ଷା କଲା । ତେଣୁ ମୁଁ ତା'କୁ ଛାଡ଼ିଦେଲି । କିନ୍ତୁ ରସୁଲ୍ କରୀମ୍ ସ.ଅ ହ. ଅଲୀ ର.ଅଙ୍କୁ ଆଦେଶ ଦେଲେ ଯେ, ହେ ଅଲୀ ! ତୁମେ ତା'ର ବଧ ବା ସଂହାର କରିଦିଅ । ସୁତରାଂ ହ. ଅଲୀ ର.ଅ ତା'ର ବଧ କରିଦେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅବିଶ୍ୱାସକାରୀଙ୍କ ଧ୍ୱଜାବାହକର ନିହତ ହେବା ଆଁହଜରତ ସ.ଅଙ୍କ ଉକ୍ତ ସ୍ୱପ୍ନର ପୁଷ୍ଟି କରୁଥିଲା ଯେ, ଆପଣ ସ.ଅ କହିଲେ, "ହେ ସାହାବାମାନେ ମୁଁ ସ୍ୱପ୍ନରେ ଦେଖିଲି ଯେ, ମୁଁ ଏକ ମେଣ୍ଢା ଉପରେ ଆରୋହଣ ହୋଇଛି ।" ରସୁଲୁଲ୍ଲାଃ ସ.ଅ ଆନନ୍ଦିତ ହେଲେ ଏବଂ ଉଚ୍ଚ ସ୍ୱରରେ **ଅଲ୍ଲାଃହୁ ଅକ୍‌ବର** ସ୍ଲୋଗାନ୍ ଦେଲେ । ତେବେ ମୁସଲମାନମାନେ ମଧ୍ୟ **ଅଲ୍ଲାଃହୁ ଅକ୍‌ବର** କହିଲେ, ଓ ଅବିଶ୍ୱାସକାରୀମାନଙ୍କ ଉପରେ ଏପରି ଭୟଙ୍କର ଆକ୍ରମଣ କଲେ ଯେ, ସେମାନଙ୍କ ଧାଡ଼ି ଏଣେତେଣେ କ୍ଷିପ୍ତ ବିକ୍ଷିପ୍ତ ହୋଇଗଲା ।

ରସୁଲୁଲ୍ଲାଃ ସ.ଅଙ୍କ ସାହାବାମାନେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇଗଲେ ଏବଂ ଶତ୍ରୁମାନଙ୍କୁ ଖଡ଼୍‌ଗ ସାହାଯ୍ୟରେ ସ୍କନ୍ଧଚ୍ୟୁତ କରିବା ଆରମ୍ଭ କରିଦେଲେ । ଏପର୍ଯ୍ୟନ୍ତକି ସେମାନଙ୍କୁ ସେମାନଙ୍କ ସମ୍ମୁଖରୁ ଦୂର କରିଦେଲେ । ତଲ୍‌ହାର ବଧ ପରେ ଅବିଶ୍ୱାସକାରୀମାନଙ୍କର ଧ୍ୱଜା ତା'ର ଭାଇ ଅବୁ ଶୈବା ବିନ୍ ଅବୁ ତଲ୍‌ହା ନେଇ ନେଲା । ପୁନଶ୍ଚ ହ. ହମ୍‌ଜା ର.ଅ ତା' ଉପରେ ଆକ୍ରମଣ କରିଦେଲେ । ତା'ର ହସ୍ତ କାନ୍ଧ ପର୍ଯ୍ୟନ୍ତ କାଟିଦେଲେ ଏବଂ ତାଙ୍କର ଖଡ଼୍‌ଗ ସେହି ବ୍ୟକ୍ତିର କାନ୍ଧର ପର୍ଯ୍ୟନ୍ତ କାଟିଦେଲା । ତା'ର ବଧ କରି ହ. ହମ୍‌ଜା ର.ଅ ଏହା କହି ସେଠାରୁ ଫେରି ଆସିଲେ ଯେ, ମୁଁ ହଜ୍ ତୀର୍ଥକାରୀଙ୍କୁ ଜଳପାନ କରାଉଥିବା ବ୍ୟକ୍ତିକଙ୍କ ପୁତ୍ର ଅଟେ। ଏତଦ୍‌ପରେ ଅବିଶ୍ୱାସକାରୀଙ୍କ ଧ୍ୱଜା ଉସ୍‌ମାନ୍ ଏବଂ ତଲ୍‌ହାର ଭାଇ ଯାହାର ନାମ ଅବୁ ସଇଦ୍ ବିନ୍ ତଲ୍‌ହା ଥିଲା ସେ ଉଠାଇଥିଲା । ଅବୁ ସଇଦ୍ ବିନ୍ ତଲ୍‌ହା ଉପରେ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ତୀର୍ ଚାଳନା କରିଥିଲେ । ସେହି ତୀର ଅବୁ ସଇଦ୍ ଛାତିରେ ବାଜିଲା । ଏହିପରି ଭାବରେ ତା'ର ମଧ୍ୟ ବଧ କରିଦେଲେ। ଏତଦ୍‌ପରେ ତଲ୍‌ହା ବିନ୍ ଅବୁ ତଲ୍‌ହା ଯାହାକୁ ହ. ଅଲୀ ର.ଅ ବଧ କରିଥିଲେ ତା'ର ପୁତ୍ର ମୁସାଫେ ଧ୍ୱଜା ଉଠାଇଲା । ହ. ଆସିମ୍ ବିନ୍ ସାବିତ୍ ର.ଅ ତା' ଉପରେ ତୀର ଚାଳନା କଲେ ଏବଂ ସେ ମଧ୍ୟ ନିହତ ହେଲା । ଏତଦ୍‌ପରେ ମୁସାଫେର ଭାଇ ହାରିସ୍ ବିନ୍ ତଲ୍‌ହା ଧ୍ୱଜା ଧରିଲା, ପୁନଶ୍ଚ ହ. ଆସିମ୍ ର.ଅ ତୀର ଚଳନା କରି ତା'ର ସଂହାର ମଧ୍ୟ କରିଦେଲେ । ତଲ୍‌ହାର ଦୁଇ ପୁତ୍ର ମୁସାଫେ ଓ ହାରିସ୍‌ର ମାତା ମଧ୍ୟ ଅବିଶ୍ୱାସକାରୀ ସୈନ୍ୟବାହିନୀଙ୍କ ସହିତ ଥିଲା । ସେହି ମହିଳାର ନାମ ସଲାଫା ଥିଲା । ହ. ଆସିମ୍ ର.ଅଙ୍କ ତୀର ଯେଉଁ ଅବିଶ୍ୱାସକାରୀର ପୁତ୍ରକୁ ବିଦ୍ଧ କରୁଥିଲା ସେହି ପୁତ୍ର ଆହତ ହୋଇ ମାଟିର୍ ଗଡ଼ି ଯାଉଥିଲା ଏବଂ ମା'ର କୋଳରେ ମୁଣ୍ଡ ରଖି ଶୋଇଯାଉଥିଲା । ସଲାଫା କହୁଥିଲା ପୁତ୍ର ତୋତେ କିଏ ଆହତ କଲା ? ପୁତ୍ର ଉତ୍ତରରେ କହିଲା ମୁଁ ଯେଉଁ ବ୍ୟକ୍ତି ମୋ ଉପରକୁ ତୀର ଚାଳନା କରିଥିଲା ସେହି ବ୍ୟକ୍ତିର ମୁଁ ସ୍ୱର ଶୁଣିଛି । ସେହି ବ୍ୟକ୍ତି ତୀର ଚଳାଇବା ପରେ କହିଥିଲା ହେ ଶତ୍ରୁ ! ନେ ଏହି ତୀରକୁ ସମ୍ଭାଳ ! ମୁଁ ଅଫଲହର ପୁତ୍ର ଅଟେ । ସୁତରାଂ ସେହି ମାତା ମାନସିକତା କଲା ଯେ, ଯଦି ଆସିମ୍ ବିନତ୍ ସାବିତର ମୁଣ୍ଡ ମୋ ହାତ କୁ ଆସିଲା ତେବେ ମୁଁ ସେହି କଟା ମୁଣ୍ଡରେ ମଦ୍ୟ ପୂରେଇ ମଦ୍ୟପାନ କରିବି । ସେହି ମହିଳା ଏହି ଘୋଷଣା କେଲା ଯେ, ଯେଉଁ ବ୍ୟକ୍ତି ମୋତେ ସାବେତ୍ ବିନ୍ କୈସ୍‌ର କଟା ମୁଣ୍ଡ ଆଣି ଦେଇଦେବ ମୁଁ ସେହି ବ୍ୟକ୍ତିକୁ ଏକଶତ ଓଟ ପୁରସ୍କାର ପ୍ରଦାନ କରିବି। କିନ୍ତୁ ହ. ଆସିମ୍ ବିନ୍ ସାବିତ୍ ସେହି ଓହୋଦ୍ ଯୁଦ୍ଧର ଶହୀଦ୍ ହେଲେ ନାହିଁ । ସେ ସରୀୟା ରଜିଇ ଯୁଦ୍ଧରେ ଶହୀଦ୍ ହୋଇଥିଲେ । ଅତଏବ୍ ସେହି ଦୁଇ ଭାଇଙ୍କ ବଧ ପରେ ତୃତୀୟ ଭାଇ କିଲାବ୍ ବିନ୍ ତଲ୍‌ହା ଧ୍ୱଜା ଧରିଲା । ସେହି ତୃତୀୟ ଭାଇ କିଲାବ୍ ବିନ୍ ତଲ୍‌ହାର ବଧ ହ. ଜୁବୈର୍ ର.ଅ କରିଥିଲେ । ଏକ ବର୍ଣ୍ଣନାନୁଯାୟୀ କିଲାବ ବିନ୍ ତଲ୍‌ହାକୁ କୁଜ୍‌ମାନ୍ ବଧ କରିଥିଲେ । ଏତଦ୍‌ପରେ ତାଙ୍କର ଭାଇ ଜଲାସ୍ ବିନ୍ ତଲ୍‌ହା ଧ୍ୱଜା ଉଠାଇଲା । ତା'କୁ ହ. ତଲ୍‌ହା ବିନ୍ ଉବୈଦୁଲ୍ଲାଃ ର.ଅ ବଧ କରିଦେଲେ । ଏହିପରି ଭାବରେ ଚାରି ଭାଇ ମୁସାଫେ, ହାରିସ୍, କିଲାବ୍ ଓ ଜଲାସ୍ ନିଜ ପିତା ତଲ୍‌ହା ପରି ସେହିଠାରେ ହିଁ ପ୍ରାଣ ହରାଇଲେ । ତତ୍‌ସହିତ ସେମାନଙ୍କର ଦୁଇ ଚଚା ଉସ୍‌ମାନ୍ ଏବଂ ଅବୁ ସଇଦ୍ ମଧ୍ୟ ସେହି ଓହୋଦ୍ ଯୁଦ୍ଧ ଦିନ ନିହତ ହୋଇଥିଲେ ।

ଏତଦ୍‌ପରେ କୁରୈଶୀୟ ଧ୍ୱଜା ଅର୍ଥାତ ବିନ୍ ଶର୍ଜିଲ୍ ଧରିଲେ । ତାକୁ ହ. ଅଲୀ ର.ଅ ବଧ କରିଦେଲେ । ଏକ କଥନରେ ଏହା ଉଲ୍ଲେଖ ରହିଛି ଯେ, ହ. ହମଜା ର.ଅ ତା'ର ବଧ କରିଥିଲେ । ଏତଦ୍‌ପରେ ଶରୀହ୍ ବିନ୍ କାରିଜ୍ ଧ୍ୱଜା ସମ୍ଭାଳିଲା। ତେବେ ସେ ମଧ୍ୟ ନିହିତ ହେଲା । କିନ୍ତୁ ତା'ର ବଧ କରିଥିବା ବ୍ୟକ୍ତିର ନାମ ଜ୍ଞାତ ହୋଇ ପାରିଲା ନାହିଁ । ଏତଦ୍‌ପରେ ଉକ୍ତ ଧ୍ୱଜା ଅବୁ ଜୈଦ୍ ବିନ୍ ଉମର୍ ର.ଅ ଧରିଲା । ତା'କୁ କୁଜମାନ୍ ବଧ କରିଦେଲେ । ଏତଦପରେ ଶର୍ଜିଲ୍ ବିନ୍ ହାଶିମର ପୁତ୍ର ଯେତେବେଳେ ଧ୍ୱଜା ଧରିଲା ବା ଉପରକୁ ଟେକିଲା ସେତେବେଳେ ତା'କୁ ମଧ୍ୟ କୁଜମାନ୍ ବଧ କରିଦେଲେ । ଏତଦ୍‌ପରେ ସେହି ଲୋକମାନଙ୍କର ଦାସ ସଉୱାବ୍ ଉକ୍ତ ଧ୍ୱଜାକୁ ଧରିଥିଲା । ଉକ୍ତ ଧ୍ୱଜବାହକ ଜଣେ ନିଗ୍ରୋ ବ୍ୟକ୍ତି ଥିଲା ।

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 19 SEPTEMBER 2024 Issue No. - 38

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ସେ ଯୁଦ୍ଧ କରୁଥିଲା । ଏପର୍ଯ୍ୟନ୍ତକି ତା'ର ହାତ କଟିଗଲା । ସେ ଶୀଘ୍ର ବସି ପଡ଼ିଲା ଏବଂ ନିଜର ଛାତି ଏବଂ ବେକ ସାହାଯ୍ୟରେ ଧ୍ୱଜାକୁ ଉପରକୁ ଟେକି ଧରିଲା । ଏପର୍ଯ୍ୟନ୍ତକି ତା'ର ବଧ ମଧ୍ୟ କୁଜ୍‌ମାନ୍ କରିଦେଲେ । ସେହିପରି ଏକ କଥନ ଏହା ରହିଛି ଯେ, ଉକ୍ତ ନିଗ୍ରୋର ସଂହାରକର୍ତ୍ତା ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଥିଲେ। ଅନ୍ୟ ଏକ କଥନ ଅନୁଯାୟୀ ଉକ୍ତ ନିଗ୍ରୋ ବ୍ୟକ୍ତିର ସଂହାରକ ହ. ଅଲୀ ର.ଅ ଥିଲେ। ସେ ଯାହା ହେଉ ଯେତେବେଳେ ସମସ୍ତ ଧ୍ୱଜାବାହକର ଭ୍ରାତାଗଣ ନିହତ ହେଲେ ସେତେବେଳେ ଅବିଶ୍ୱାସକାରୀମାନେ ପରାଜିତ ଗହେଇ ପଳାୟନ କଲେ ଏବଂ ସେମାନଙ୍କର ମହିଳାମାନେ ସେମାନଙ୍କୁ ଅଭିଶାପ ଏବଂ ମୃତ୍ୟୁବରଣର ଅଭିଶାପ ଦେଉଥିଲେ ।

ଯେପରିକି ଆଁହଜରତ ସ.ଅ ସ୍ୱପ୍ନରେ ଦେଖିଥିଲେ ଯେ, ଧ୍ୱଜାବାହାକ ଯଦି ନିହିତ ହେବ । ସେହି ସମସ୍ତ ଅବିଶ୍ୱାସକାରୀମାନେ ନିହତ ହେଲେ ଏବଂ ମୁସଲମାନମାନେ ସେମାନଙ୍କର ପିଛା କରି ସେମାନଙ୍କର ବଧ କରୁଥିଲେ । ଏପର୍ଯ୍ୟନ୍ତକି ସେମାନଙ୍କୁ ସୈନ୍ୟ ବାହିନୀ ଠାରୁ ଦୂରେଇ ଦେଲେ । କୁରୈଶ୍‌ର ସୈନ୍ୟବାହିନୀ ସହିତ ଆସିଥିବା ମହିଳାମାନେ ମଧ୍ୟ ପଳାୟନ କଲେ । ସୁତରାଂ କୁରୈଶ୍‌ମାନଙ୍କର ପରାଜୟରେ ଆଉ କୌଣସି ସନ୍ଦେହର ଅବକାଶ ରହିଲା ନାହିଁ । ମୁସଲମାନମାନେ ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ମଧ୍ୟରେ ପ୍ରବେଶ କରି ମାଲେ ଗନିମତ୍ ସାଉଁଟିବା ଆରମ୍ଭ କରିଦେଲେ । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-303-305, ଦାରୁଲ୍ କୁତୁବୁଲ୍ ଇଲମିୟାହ, ବୈରୁତ୍) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-184 -186 ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ତତ୍‌ସମ୍ବନ୍ଧରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଉଲ୍ଲେଖ କରନ୍ତି: "କୁରୈଶ୍‌ର ସୈନ୍ୟବାହିନୀ ମଧ୍ୟରୁ ଅବୁ ଆମିର୍ ଏବଂ ତା'ର ସାଥିମାନେ ଆଗକୁ ବଢିଥିଲେ..... ଉକ୍ତ ସଂପ୍ରଦାୟଟି ୱସ୍ ସଂପ୍ରଦାୟ ମଧ୍ୟରୁ ଅନ୍ୟତମ ସଂପ୍ରଦାୟ ଥିଲା ଏବଂ ମଦିନାରେ ବାସ କରୁଥିଲା । ଏମାନେ ଜ୍ୟୋତିଷ୍କ ନାମରେ ଖ୍ୟାତ ଥିଲେ । ଆଁହଜରତ ସ.ଅଙ୍କର ଯେତେବେଳେ ମଦିନାରେ ଆଗମନ ହେଲା ସେତେବେଳେ ଆଗମନର କିଛି କାଳ ପରେ ଉକ୍ତ ବ୍ୟକ୍ତି ଅର୍ଥାତ୍ (ଅବୁ ଆମିର) ବିଦ୍ୱେଷ ଜର୍ଜରିତ ହୋଇଗଲା । ସେ ନିଜର କେତେକ ସାଥିମାନଙ୍କ ସହିତ ମକ୍କା ଚାଲିଗାଲା ଏବଂ ମକ୍କାରେ ଥିବା କୁରୈଶ୍‌ମାନଙ୍କୁ ଆଁହଜରତ ସ.ଅ ଏବଂ ମୁସଲମାନମାନଙ୍କ ବିରୁଦ୍ଧରେ ଉସ୍‌କାଉଥିଲା । ସୁତରାଂ ୱହୋଦ୍ ଯୁଦ୍ଧରେ ସେ କୁରୈଶ୍‌ମାନଙ୍କର ସମର୍ଥକ ସାଜି ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧରେ ସାମିଲ୍ ହେଲା । ଉକ୍ତ କଥାଟି ଅତ୍ୟନ୍ତ ବିଚିତ୍ର ଯେ, ଅବୁ ଆମିର୍‌ର ପୁତ୍ର ହନ୍‌ଜଲା ଜଣେ ନୈଷ୍ଠିକ ମୁସଲମାନ ଥିଲା ଏବଂ ସେ ୱହୋଦ୍ ଯୁଦ୍ଧରେ ମୁସଲମାନ ସୈନ୍ୟବିହିନୀରେ ସାମିଲ୍ ଥିଲା । ସେ ଅତ୍ୟନ୍ତ ସାହାସିକତାର ଲଢି ବୀରଗତି ପ୍ରାପ୍ତ କଲା । ଅବୁ ଆମିର୍ ୱସ୍ ସଂପ୍ରଦାୟର ପ୍ରଭାବଶାଳୀ ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲା । ଅତଃ ଏହା ଦୃଢ ଆଶା କରାଯାଇ ପାରୁଥିଲା କି ବର୍ତ୍ତମାନ ମୁଁ ଏତେ ଦିନର ବିରହ ପରେ ମଦିନାବାସୀଙ୍କ ସହିତ ମୁହାଁମୁହିଁ ହେବି ତେବେ ମୋର ସମର୍ଥକ ଓ ଶୁଭେଚ୍ଛୁମାନେ ମୋତେ ଦେଖି ମୁହମ୍ମଦ୍ ସ.ଅଙ୍କୁ ଛାଡ଼ି ମୋ ପାଖକୁ ଚାଲି ଆସିବେ । ଏହି ଆଶାରେ ଅବୁ ଆମିର୍ ନିଜର ସାଥିମାନଙ୍କୁ ସଙ୍ଗରେ ନେଇ ସର୍ବ ପ୍ରଥମେ ଆଗକୁ ଅଗ୍ରସର ହେଲା ଏବଂ ଉଚ୍ଚ ସ୍ୱରରେ ଡାକି କହିଲା, ହେ ୱସ୍ ସଂପ୍ରଦାୟର ଲୋକମାନେ ! ମୁଁ ଅବୁ ଆମିର୍ ଅଟେ । ଅନ୍‌ସାର୍‌ମାନେ ଏକ ସ୍ୱର ହୋଇ କହିଲେ କହିଲେ, ଦୂର ହୋଇଯା ହେ ପାପୀ ! ତୋର ଚକ୍ଷୁ କେବେ ଶୀତଳ ନହେଉ । ତତ୍‌ସହିତ ମୁସଲମାନମାନେ ତା' ଉପରକୁ ଏପରି ଟେକା ପଥର ବୃଷ୍ଟି କଲେ ଯେ, ସେ ଓ ତା'ର ସାଥିମାନେ ହତବୁଦ୍ଧି ହୋଇ ପଛ ଆଡକୁ ପଳାୟନ କଲେ । ଉକ୍ତ ଦୃଶ୍ୟକୁ ଦେଖି କୁରୈଶ୍‌ର ଧ୍ୱଜାବାହକ ତଲ୍‌ହା ଅତ୍ୟନ୍ତ ଉତ୍ସାହିତ ଓ ଉନ୍ମାଦିତ ଅବସ୍ଥାରେ ଆଗକୁ ଅଗ୍ରସର ହେଲା ଏବଂ ଅହଂକାରପୂର୍ବକ ଶୈଳୀରେ ଯୁଦ୍ଧ ନିମନ୍ତେ ଆମନ୍ତ୍ରିତ କଲା । ହ. ଅଲୀ ର.ଅ ଆଗକୁ ଅଗ୍ରସର ହେଲେ ଏବଂ ଦୁଇଚାରି ଥର ହାତରେ ଖଡ୍‌ଗ ବୁଲାଇ ତା'କୁ ଟିକି ଟିକ୍ କରି କାଟିଦେଲେ । ଏତଦ୍‌ପରେ ତଲ୍‌ହାର ଭାଇ ଉସ୍‌ମାନ୍ ଆଗକୁ ବଢିଲା ଏବଂ ମୁସଲମାନମାନଙ୍କ ପକ୍ଷରୁ ହ. ହମ୍‌ଜା ର.ଅ ମୁକାବିଲା କରିବା ନିମନ୍ତେ ବାହାରିଲେ। ହ. ହମ୍‌ଜା ଉସ୍‌ମାନ୍‌ର ବଧ କରିଦେଲେ । ଅବିଶ୍ୱାସକାରୀମାନେ ଏହି ଦୃଶ୍ୟକୁ ଦେଖି କ୍ରୋଧ ଜର୍ଜରିତ ହୋଇ ଉଠିଲେ ଏବଂ ସମସ୍ତେ ଏକତ୍ରିତ ହୋଇ ଆକ୍ରମଣ କରିଦେଲେ । ମୁସଲମାନମାନେ ମଧ୍ୟ **ଅଲ୍ଲାଃହୁ ଅକବର** ତକ୍‌ବିର (ସ୍ଲୋଗାନ୍) କହି ଆଗକୁ ଅଗ୍ରସର ହେଲେ ଏବଂ ଉଭୟ ସୈନ୍ୟବାହିନୀ ପରସ୍ପର ମଧ୍ୟରେ ଯୁଦ୍ଧ କଲେ ।"

.....ସୁତରାଂ କୁରୈଶ୍‌ର ଧ୍ୱଜାବାହକ ନିହତ ହେବା ପରେ ଉଭୟ ସୈନ୍ୟବାହିନୀ ପରସ୍ପର ଉପରକୁ ଆକ୍ରମଣ ପ୍ରତ୍ୟାକ୍ରମଣ କଲେ ଏବଂ ଘମାଘୋଡ଼ ଯୁଦ୍ଧ ଚାଲିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଉଭୟ ସୈନ୍ୟବାହିନୀଙ୍କ ପକ୍ଷରୁ ହତ୍ୟା ବିଭୀଷିକା ଏବଂ ରକ୍ତପାତର ପରମ୍ପରା ଅବ୍ୟାହତ ରହିଲା । ପରିଶେଷରେ ଧୀରେ ଧୀରେ ଇସ୍‌ଲାମୀୟ ସୈନ୍ୟବାହିନୀ ସମ୍ମୁଖରେ କୁରୈଶ୍‌ର ସୈନ୍ୟବାହିନୀର ପାଦ ଆଉ ଯୁଦ୍ଧ ଭୂମିରେ ତିଷ୍ଠି ପାରିଲା ନାହିଁ । ସୁତରାଂ ବିଖ୍ୟାତ ଇଂରେଜ ଇତିହାସବିତ୍ ସାର୍ ୱିଲିୟମ୍ ମିଓର୍ ସାହେବ ଉଲ୍ଲେଖ କରନ୍ତି: "ମୁସଲମାନମାନଙ୍କର ଭୟଙ୍କର ଆକ୍ରମଣ ସମ୍ମୁଖରେ ମକ୍କାର ସୈନ୍ୟବାହିନୀ ତିଷ୍ଠି ପାରିଲା ନାହିଁ । କୁରୈଶ୍‌ର ସୈନ୍ୟ ବାହିନୀ ଅନେକ ଥର ଏହି ଉଦ୍ୟମ କଲା ଯେ, ଇସ୍‌ଲାମୀୟ ସୈନ୍ୟ ବାହିନୀର ବାମ ପର୍ଶ୍ୱ ଦେଇ ଇସ୍‌ଲାମୀୟ ସୈନ୍ୟ ବାହିନୀ ଉପରେ ଆକ୍ରମଣ କରାଯାଉ। କିନ୍ତୁ ପ୍ରତ୍ୟେକ ଥର ସେହି 50 ଜଣ ଧନୁର୍ଧରମାନଙ୍କର ତୀରର ପ୍ରହାର ଖାଇ ପଛକୁ ଘୁଞ୍ଚିବାକୁ ପଡୁଥିଲା । ଅର୍ଥାତ୍ ମୁହମ୍ମଦ ସ.ଅ 50 ଜଣ ଧନୁର୍ଧରମାନଙ୍କୁ ସେହି ସ୍ଥାନରେ ବିଶେଷ ରୂପେ ମୁତୟନ କରିଥିଲେ ।"

ମୁସଲମାନମାନଙ୍କ ପକ୍ଷରୁ ୱହୋଦ୍ ଯୁଦ୍ଧ ଭୂମିରେ ମଧ୍ୟ ସେହି ଅପୂର୍ବ ବୀରତ୍ୱ ଏବଂ ସାହାସିକତା, ମୃତ୍ୟୁ ଓ ବିପଦକୁ ଖାତିର ନକରୁଥିବାର ଦୃଶ୍ୟ ପ୍ରଦର୍ଶନ କରାଯାଇଥିଲା । ଏହି ଇଂରେଜ ଇତିହାସବିତ୍ ଉଲ୍ଲେଖ କରନ୍ତି କି ମକ୍କାର ସୈନ୍ୟବାହିନୀର ଧାଡ଼ି ଚିରି ଦିଆଯାଇଥିଲା । ଆଁହଜରତ ସ.ଅ ଅବୁ ଦୁଜାନାଙ୍କୁ ଯେଉଁ ଖଡ୍‌ଗ ପ୍ରଦାନ କରିଥିଲେ ସେହି ଖଡ୍‌ଗ ଦ୍ୱାରା ଅବୁ ଦୁଜାନା ଯେତେବେଳେ ଅବିଶ୍ୱାସକାରୀଙ୍କ ଉପରକୁ ଆକ୍ରମଣ କରୁଥିଲେ ସେତେବେଳେ ଚତୁର୍ଦ୍ଦିଗରେ ମୃତ୍ୟୁର ତାଣ୍ଡବ ଲୀଳା ଦେଖିବାକୁ ମିଳୁଥିଲା । ହ. ହମ୍‌ଜା ନିଜ ମୁକୁଟ ଚୂଳରେ ଏମୁପକ୍ଷୀର ପର ଲଗାଇଥିଲେ ତାହା ପବନରେ ଉଡୁଥିଲା ଏବଂ ପ୍ରତ୍ୟେକ ସ୍ଥାନରେ ଖାଲି ହ. ହମ୍‌ଜା ର.ଅଙ୍କୁ ଦେଖିବାକୁ ମିଳୁଥିଲା । ଏମୁପକ୍ଷୀର ସେହି ପରଟି ଦୀର୍ଘ ଏବଂ ଧବଳ ବର୍ଣ୍ଣ ଏବଂ ଅତ୍ୟନ୍ତ କୋମଳ ଥିଲା । ସେହି ଏମୁପକ୍ଷୀର ପର ଧବଳ ବର୍ଣ୍ଣ ଏବଂ ଦୀର୍ଘ ପର ସହିତ ହ. ହମ୍‌ଜା ଓ ଜୁବୈର୍ ର.ଅ ନିଜର ପରିଷ୍କାର ରଙ୍ଗର ଜାଜୁଲ୍ୟମାନ ହଳଦିଆ ପଗଡ଼ି ସହିତ ଉକ୍ତ ଦୁଇ ବୀର ଓ ସାହାସୀ ସେନାପତି ଯେଉଁଠାକୁ ବି ଯାଉଥିଲେ ସେଠାରେ ଶତ୍ରୁ ନିମନ୍ତେ ମୃତ୍ୟୁ ଏବଂ ସମସ୍ୟାର ସନ୍ଦେଶ ନିଜ ସହିତ ନେଇ ଯାଉଥିଲେ ଓ ଯମ ସାଜୁଥିଲେ । ସାର ୱଲିୟମ୍ ମିଓର୍ ଯେଉଁ ଇଲିୟଡ୍ ଶବ୍ଦର ଚର୍ଚ୍ଚା କରିଛନ୍ତି ଉକ୍ତ ଶବ୍ଦଟି ୟୁନାନୀ କାହାଣୀର ନାୟକ ଅଟନ୍ତି। ଏହି ନାୟକମାନେ ଯୋଦ୍ଧା ଥିଲେ । ସେ ଯାହା ହେଉ ଉକ୍ତ ଇତିହାସବିତ୍ ସାର୍ ଉଇଲିୟମ୍ ମିଓର୍ କହୁନ୍ତି, ଏହା ହେଉଛି ସେହି ଦୃଶ୍ୟ ଯାହାକି ପରବର୍ତ୍ତୀ ଇସ୍‌ଲାମୀୟ ବିଜୟର ନାୟକମାନଙ୍କର ସଂସ୍କାର ନିମନ୍ତା ସହାୟକ ସିଦ୍ଧ ହୋଇଥିଲା ।

ସୁତରାଂ ଘମାଶାନ ଯୁଦ୍ଧ ହେଲା ଏବଂ ଅନେକ ସମୟ ପର୍ଯ୍ୟନ୍ତ ଏହି ସଂଶୟ ଏବଂ ଦ୍ୱନ୍ଦ୍ୱ ଲାଗି ରହିଲା ଯେ, କେଉଁ ପକ୍ଷ ବିଜୟୀ ହେବ ? କିନ୍ତୁ ପରିଶେଷରେ ଅଲ୍ଲାଃତାଲାଙ୍କ କୃପାରୁ କୁରୈଶ୍‌ମାନଙ୍କର ପାଦ ଯୁଦ୍ଧ ଭୂମିରେ ଆଉ ତିଷ୍ଠି ପାରିଲା ନାହିଁ । ସେମାନଙ୍କ ସୈନ୍ୟବାହିନୀ ମଧ୍ୟରେ ଅବ୍ୟବସ୍ଥା, ଅସ୍ତବ୍ୟସ୍ତତା, ଓ ଅସ୍ଥିରତାର ଲକ୍ଷଣ ପ୍ରକଟିତ ହେବାକୁ ଲାଗିଲା । କୁରୈଶ୍‌ର ଧ୍ୱଜାବାହକ ଜଣ ଜଣ କରି ନିହତ ହେଲେ ଏବଂ ତନ୍ମଧ୍ୟରୁ ପ୍ରାୟ 9 ଜଣ ବ୍ୟକ୍ତି ପାଳି କରି ଜାତୀୟ ଧ୍ୱଜାକୁ ନିଜ ହସ୍ତରେ ନେଇନେଲେ । କିନ୍ତୁ ସମସ୍ତେ ପାଳି କରି ମୁସଲମାନମାନଙ୍କ ହସ୍ତରୁ ନିହତ ହୋଇଗଲେ । ଯେପରିକି ବିବରଣୀରେ ଉଲ୍ଲେଖ ହୋଇଛି ।

"ପରିଶେଷରେ ତଲ୍‌ହା ସଉୱାବ୍ ନାମକ ଏକ ନିଗ୍ରୋ ଦାସ ସାହାସିକତାରପୂର୍ବକ ଆଗକୁ ଅଗ୍ରସର ହୋଇ ଧ୍ୱଜାକୁ ହସ୍ତରେ ଧରିନେଲା । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଜଣେ ମୁସଲମାନ ଆଗକୁ ଅଗକୁ ଅଗ୍ରସର ହୋଇ ପ୍ରହାର କଲେ ଏବଂ ଗୋଟିଏ ପ୍ରହାରରେ ତା'ର ଉଭୟ ହସ୍ତ କାଟି କୁରୈଶ୍‌ର ଧ୍ୱଜାକୁ ମାଟିରେ ପକାଇଦେଲା। କିନ୍ତୁ ସଉୱାବର ସାହାସିକତା ଏବଂ ଉତ୍ସାହ ଉକ୍ତ ଅବସ୍ଥା ମଧ୍ୟ ଦର୍ଶନୀୟ ଥିଲା। ସେହି ନିଗ୍ରୋ ଦାସ ଧ୍ୱଜା ସହିତ ଭୂମି ଉପରେ ପଡ଼ିଗଲା ଏବଂ ଧ୍ୱଜାକୁ ନିଜର ଛାତି ସହିତ ସଂଲଗ୍ନ କରି ତାହାକୁ ଟେକି ଧରିବା ପାଇଁ ଉଦ୍ୟମ କଲା । କିନ୍ତୁ ସେହି ମୁସଲମାନ ଜଣକ ଧ୍ୱଜା ତଳେ ପଡ଼ିଯିବାର ମୂଲ୍ୟକୁ ଭଲ ଭାବରେ ଜାଣିଥିଲେ। ତେଣୁ ସେ ଉପରୁ ଖଡ୍‌ଗ ଚାଳନା ବା ପ୍ରହାର କରି ସେହି ନିଗ୍ରୋ ଦାସ ଅର୍ଥାତ୍ ସଉୱାବ୍‌ର କାମ ତମାମ୍ କରିଦେଲେ । ଏତଦ୍‌ପରେ ପୁନଶ୍ଚ କୁରୈଶ୍‌ମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଏହି ସାହାସ କରିପାରିଲା ନାହିଁ ଯେ, ସେ ଧ୍ୱଜା ଧରିବ ବା ଗୋଟାଇବ। ଅନ୍ୟ ପଟରେ ମୁସଲମାନମାନେ ଆଁହଜରତ ସ.ଅଙ୍କ ଆଦେଶ ପ୍ରାପ୍ତ କରିବା ପରେ ତକବିର୍ (ସ୍ଲୋଗାନ୍) ଦେଇ ପୁନଶ୍ଚ ଆହୁରି ଶକ୍ତିଶାଳୀ ଆକ୍ରମଣ କଲେ ଏବଂ ଶତ୍ରୁମାନଙ୍କର ରହିଯାଇଥିବା ଧାଡ଼ିଗୁଡ଼ିକୁ ବିଦୀର୍ଣ୍ଣ (ଚିରି), ସେମାନଙ୍କୁ ବିକ୍ଷିପ୍ତ କରି ସୈନ୍ୟବାହିନୀର ଅନ୍ୟ ପାର୍ଶ୍ୱରେ ଥିବା କୁରୈଶ୍‌ମାନଙ୍କର ମହିଳାମାନଙ୍କ ପର୍ଯ୍ୟନ୍ତ ପହଞ୍ଚିଗଲେ ଓ ମକ୍କାର ସୈନ୍ୟବାହିନୀ ଅନନ୍ୟୋପାୟ ହୋଇ ପଳାୟନ କଲା । ଦେଖୁ ଦେଖୁ ଯୁଦ୍ଧ ଭୂମି ପାଖାପାଖି ସଫା ହୋଇଗଲା। ଏପର୍ଯ୍ୟନ୍ତକି ମୁସଲମାନମାନଙ୍କ ନିମନ୍ତେ ଏଭଳି ସନ୍ତୋଷଜନକ ସ୍ଥିତି ସୃଷ୍ଟି ହୋଇଗଲା ।

**(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ.........)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan